## ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

ଚଣ୍ଡିଖୋଲ,(ଡି.ଏନ.ଏ.): ବଡଚଣା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଚଣ୍ଡିଖୋଲ ଛକ ବିଏସ୍ଏନ୍ଏଲ ଅଫିସ ନିକଟରେ ସୋମବାର ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ଭଦ୍ରକ ଜିଲା ଚରମ୍ପା ଥାନା ଅଞ୍ଚଳର ପ୍ରୀତମ ଶଙ୍କର ରାୟ ଏକ ଆକ୍ଟିଭାରେ କଟକ ଅଭିମୁଖେ ଯାଉଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ପ୍ରୀତମ ଗୁରୁତର ଅବସ୍ଥାରେ ରାସ୍ତାରେ ଛିଟିକି ପଡିଥିଲେ । ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଚଣ୍ଡିଖୋଲ ଫାଣ୍ଡି ପୋଲିସ ପ୍ରୀତମଙ୍କ ଗାଡ଼ି ଜବତ କରିଛି ।

## ସଂକ୍ଷେପରେ

### ମଦ ବିକ୍ରିକୁ ମହିଳାଙ୍କ ବିରୋଧ

**ପାଣିକୋଇଲି,୩୧।୫(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ଷଠିପୁର ଗ୍ରାମରେ ବେଆଇନ ମହୁଲି ମଦ ବିକ୍ରିକୁ ସ୍ଥାନୀୟ ମହିଳାମାନେ ବିରୋଧ କରିଛନ୍ତି। ଏହି ମର୍ମରେ ମହିଳାମାନେ ପାଣିକୋଇଲି ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ତେବେ ସୋମବାର ସକାଳେ ଉକ୍ତ ମଦ ବ୍ୟବସାୟୀ କାହିଁକି ଅଭିଯୋଗ କଲ ବୋଲି ଉକ୍ତ ମହିଳାମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ମଧ ଦେଇଥିଲେ। ଫଳରେ ମହିଳାମାନେ ପୁଣି ଏକତ୍ର ହୋଇ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗ୍ରାମର ଜାନକୀ ମାଝି, ସବିତା ମାଝି, ସୁଭଦ୍ରା ବେହେରା, ସତ୍ୟଭାମା ରଣା, କମଳା ମାଝି, ଅଞ୍ଜଳି ମାଝି, ସାବିତ୍ରୀ ବେହେରା, ରଜନୀ ମାଝି, ସରସ୍ୱତୀ ବେହେରା, ସୁଲୋଚନା ରଣା, ସବିତା ରଣା, ସ୍ନେହାଞ୍ଜଳି ବେହେରା, ହରଣୀ ବେହେରା, ଲକ୍ଷ୍ମୀ ବେହେରା, ଜୟନ୍ତୀ ବେହେରା ପ୍ରମୁଖ ଥାନାକୁ ଆସି ଅଭିଯୋଗ କରିଛନ୍ତି।

### ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷଙ୍କ ସ୍ମୃତିସଭା

**ବରୀ,୩୧।୫(ଡି.ଏନ.ଏ.):** ବରୀ ବ୍ଲକ୍ ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରାକ୍ତନ ବ୍ଲକ୍ ଅଧକ୍ଷ ଗଗନ ବିହାରୀ ଜେନାଙ୍କ ସ୍ମୃତିସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକନେତା ଲୋକନାଥ ଦାସ, ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ଜେନା, ସରପଞ୍ଚ କେଦାର ସାମଲ, ନୃସିଂହ ଦାସ, ପ୍ରଫୁଲ୍ଲ ଦାଶ, ମୁକୁନ୍ଦ ସାମଲ, ରାଜକିଶୋର ସାମଲ, ଚୈତନ୍ୟ ରାୟ, ଆଶିଷ ସାମଲଙ୍କ ସହ ସ୍ଥାନୀୟ ଜନସାଧାରଣ ଯୋଗଦେଇ ଜେନାଙ୍କ ସ୍ମୃତିଚାରଣ କରିଥିଲେ। କୋଭିଡ୍ କଟକଣା ମଧ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା।

### ଖଣି ନିଗମରେ ଅବସରକାଳୀନ ସମ୍ବର୍ଦ୍ଧନା

**କାଳିଆପାଣି,୩୧।୫(ଡି.ଏନ.ଏ.):** ଖଣି ନିଗମର କ୍ରୋମଜୋନରୁ ସୋମବାର ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧିତ କରାଯାଇଛି । କାଳିଆପାଣି ହାଇସ୍କୁଲର ପ୍ରଧାନଶିକ୍ଷକ ବିଜୟ କୁମାର ଦେବତାଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଖଣି ନିଗମ ଆଞ୍ଚଳିକ ପରିଚାଳକ ଇଂ. ପ୍ରଶନ୍ନ କୁମାର ସ୍ୱାଇଁ ,ଉପମହାପ୍ରବନ୍ଧକ ଇଂ. କାଠି ପ୍ରଧାନ, ପ୍ରଶାସନିକ ଅଧିକାରୀ ଲକ୍ଷ୍ମଣ ହାସଦା ସହ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତି ଥିଲେ । ସେହିପରି ନିର୍ମାଣ ବିଭାଗ କର୍ମଚାରୀ ଲକ୍ଷ୍ମୀଧର ବାରିକଙ୍କୁ ନିର୍ମାଣ ବିଭାଗ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଞ୍ଚଳିକ ପରିଚାଳକ କାର୍ଯ୍ୟାଳୟରେ ପିଏ ଭାବେ କାମ କରୁଥିବା ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ଯାଜପୁରର ସେହି କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି ।

# ସ୍ୱଚ୍ଛ ଜଳ ପାଇଁ ଅପେକ୍ଷା

**ଯାଜପୁର ଅଫିସ,୩୧।୫**

**ଯାଜପୁର ଜିଲା**
- ୫ ମେଗା, ୪୨ ପିଡବ୍ଲ୍ୟୁଏସ୍ ଅସମ୍ପୂର୍ଣ୍ଣ

ଯାଜପୁର ଜିଲାରେ ପ୍ରାୟ ୯୦ ପ୍ରତିଶତ ଗ୍ରାମାଞ୍ଚଳ ଲୋକ ପାଇପ ଜଳଯୋଗାଣ (ପିଡବ୍ଲ୍ୟୁଏସ୍) ଜରିଆରେ ସ୍ୱଚ୍ଛଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଏଥିପାଇଁ ରାଜ୍ୟ ସରକାର ଏହି ୩ ବର୍ଷ ମଧ୍ୟରେ ଶତାଧିକ ପିଡବ୍ଲ୍ୟୁଏସ୍ ଓ ମେଗା ପିଡବ୍ଲ୍ୟୁଏସ୍ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ହେଲେ ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହେଉଥିଲେ ହେଁ ସ୍ୱଚ୍ଛଜଳ ଅପେକ୍ଷାରେ ଗ୍ରାମବାସୀ ରହିଛନ୍ତି।

ଯାଜପୁର ଜିଲାରେ ଗତ ଜାନୁୟାରୀ ଶେଷ ବେଳକୁ ୮୮.୮୪ କୋଟି ଟଙ୍କାର ୯୫ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଥିଲା। ଏହାର ୩ ମାସ ପରେ ଅର୍ଥାତ୍ ୫।୫।୨୦୨୧ ରିପୋର୍ଟ ଅନୁସାରେ ୫୮.୯୯ କୋଟି ଟଙ୍କାର ୪୨ଟି ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରି ନାହିଁ। ଏହାବାଦ ୭୬୪.୨୨ କୋଟି ଟଙ୍କାର ୫ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣାଧୀନ ନାହିଁ। ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଓ ପରିମଳ(ଆର୍‌ଡବ୍ଲ୍ୟୁଏସ୍ଏସ୍)ର ଇଞ୍ଜିନିୟର-ଇନ୍-ଚିଫ୍ ଏବଂ ଆକାଉଣ୍ଟ ଅଫିସରଙ୍କ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ତେବେ ଅଧିକାଂଶ ପାଇପ୍ ଜଳଯୋଗାଣ ପ୍ରକଳ୍ପ ବାହାରେ ଚକାଚକ ହୋଇଥିବାବେଳେ ନିର୍ଦ୍ଧାରିତ ଲୋକଙ୍କ ପାଖକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। କେତେକ ପ୍ରକଳ୍ପ ୪/୫ ମାସ ମଧ୍ୟରେ ଅଚଳ ହୋଇ ପଡୁଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏହାସହ ନିମ୍ନମାନର ପାଇପ୍ ଓ ନିର୍ମାଣ ସାମଗ୍ରୀ ବ୍ୟବହାର ଯୋଗୁ ପ୍ରକଳ୍ପଗୁଡିକ ଦୀର୍ଘସ୍ଥାୟୀ ହୋଇପାରୁନାହିଁ। ଏହିକ୍ରମରେ ଜିଲାରେ ପାଇପ ଜଳଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବାବେଳେ ଲୋକେ ଚୁଆପାଣି ଉପରେ ଭରସା କରୁଛନ୍ତି। ବିଡମ୍ବନା ଯେ, ନିଜର ବିଫଳତାକୁ ଲୁଚାଇବାକୁ ଯାଇ ସରକାର ମଧ୍ୟ ଚୁଆଗୁଡ଼ିକର ଉନ୍ନତୀକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବି ଉପରଠାଉରିଆ ନିର୍ଦ୍ଦେଶ ହୋଇଥିବାରୁ ଅସ୍ୱାସ୍ଥ୍ୟକର ଚୁଆପାଣି ବ୍ୟବହାର କରି ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି।

ଗତ ୨ ବର୍ଷ ମଧ୍ୟରେ ଜିଲାରେ ପ୍ରାୟ ୨୦୦ ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି ମିଳିଛି। ହେଲେ ଜିଲାରେ ସାମ୍ରାଜ୍ୟ ବିସ୍ତାର କରିଥିବା ଠିକାଦାରି ରାଜନୀତି ଯୋଗୁ ପ୍ରକଳ୍ପଗୁଡିକର ସୁଫଳ ପାଉନାହାନ୍ତି ଲୋକେ। ଯେନତେନ ପ୍ରକାରେ ନିମ୍ନମାନର କାର୍ଯ୍ୟ ସାରି ସମ୍ପୃକ୍ତ ଠିକାଦାର ଓ ଯନ୍ତ୍ରୀ ନିଜର ଦାୟିତ୍ୱ କେବଳ ସମ୍ପାଦନ କରୁଥିବା ଆଲୋଚନା ହେଉଛି। ଜିଲାରେ ଭୂତଳ ଜଳସ୍ତର ଧୀରେ ଧୀରେ କମିବାରେ ଲାଗିଛି। ଫଳରେ ନଳକୂପ ସମେତ ଖୋଲା କୂଅ, ନଳକୂପ, ନଈ, ପୋଖରୀ ସବୁ ଶୁଖିବା ଆରମ୍ଭ କଲାଣି। ପାଣି ପାଇଁ ଗ୍ରାମାଞ୍ଚଳ ଲୋକେ ଡହଳବିକଳ ହେଉଛନ୍ତି। ନିକଟସ୍ଥ ଖୋଲା କୂପ, ବାଲି ଚୁଆ ଆଦି ସ୍ଥାନରୁ ଜଳ ସଂଗ୍ରହ କରିବାକୁ ଗ୍ରାମାଞ୍ଚଳ ଲୋକେ ବାଧ ହେଉଛନ୍ତି। ସୁକିନ୍ଦା ବ୍ଲକ କାଳିଆପାଣି ପଞ୍ଚାୟତ ଘାଗିଆସାହି, କୋରେଇ ବ୍ଲକ କଡମ ଓ ଆଇଚିପୁର ଭଳି ଶତାଧିକ ଗ୍ରାମ ନଦୀ ତଟବର୍ତ୍ତୀ ବାଲିଚୁଆ ଓ ଖୋଲା କୂଅ ପାଣି ଉପରେ ଭରସା କରୁଛନ୍ତି। ଏହିସବୁ ଦୃଶ୍ୟ ଦେଖିଲେ ଯାଜପୁର ଜିଲା ୨୦ ବର୍ଷ ପଛକୁ ଫେରି ଯାଇଥିବା ଭଳି ମନେ ହେଉଛି। କୋରେଇ ବ୍ଲକ ଅଧୀନ ପାଟରଙ୍ଗା ପଞ୍ଚାୟତ ମଲାରିଆ ଗ୍ରାମର ଓଭରହେଡ୍ ପାଣିଟାଙ୍କି ୬ ମାସ ହେବ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏନେଇ ପଚରାଯିବାରୁ କନିଷ୍ଠ ଯନ୍ତ୍ରୀ ମିନତି ମହାରଣା କହିଛନ୍ତି ବୋରିଂ ଫେଲ୍ ହୋଇଯାଇଛି। ଖୁବ୍‌ଶୀଘ୍ର ଆଉ ଏକ ବୋରିଂ କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣରେ ମଧ ମନ୍ଥରତା ଏବଂ ନିମ୍ନମାନର କାର୍ଯ୍ୟ ଲୋକଙ୍କ ଆସ୍ଥା ଓ ଭରସାକୁ ଧୂଳିସାତ କରି ଦେଇଛି। ସୁକିନ୍ଦା ବ୍ଲକର ୩୭ ଗ୍ରାମକୁ ୭୯.୫୬ କୋଟି ଟଙ୍କାର ମେଗା ଜଳଯୋଗାଣ ପ୍ରକଳ୍ପ, ବଡଚଣା ଓ ଧର୍ମଶାଳା ବ୍ଲକ ପାଇଁ ୩୫୧.୪୪ କୋଟି ଟଙ୍କା, ଦଶରଥପୁର ବ୍ଲକର ୩୫ ପଞ୍ଚାୟତ ପାଇଁ ୧୯୧.୮୫ କୋଟି ଟଙ୍କା, ସୁକିନ୍ଦା ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ପ୍ରଥମ ପ୍ରକଳ୍ପ ନିମନ୍ତେ ୧୦୬.୯୧ କୋଟି ଟଙ୍କା ଏବଂ ଦ୍ୱିତୀୟ ପ୍ରକଳ୍ପ ଲାଗି ୩୪.୪୬ କୋଟି ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇ ସାରିଛି। ଏହିସବୁ ମେଗା ପ୍ରକଳ୍ପକୁ ଅଣଓଡ଼ିଆ ଠିକାସଂସ୍ଥା ପକ୍ଷରୁ କାର୍ଯ୍ୟକାରୀ ହେଉଛି। ଏହି ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ଉପରେ ବିଭାଗୀୟ ଅଧିକାରୀଙ୍କ କୌଣସି କର୍ତ୍ତୃତ୍ୱ ରହୁ ନ ଥିବାରୁ ମନମାନି କାମ ହେଉଥିବା ଅଭିଯୋଗ ହେଉଛନ୍ତି। ଫଳରେ ବର୍ଷ ବର୍ଷ ଧରି କାମ ପଡ଼ିରହୁଛି। ଏ ସଂକ୍ରାନ୍ତରେ ଯାଜପୁର ଆର୍‌ଡବ୍ଲ୍ୟୁଏସ୍ଏସ୍‌ର ନିର୍ବାହୀ ଯନ୍ତ୍ରୀ ମୋତିଲାଲ ତିୱାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ନିର୍ମାଣାଧୀନ ପ୍ରକଳ୍ପଗୁଡିକୁ ସୁଚାରୁରୂପେ ସମ୍ପାଦନ କରିବାକୁ ଠିକାଦାରମାନଙ୍କୁ ତାଗିଦ କରାଯାଇଛି।


ମଲାରିଆ ଗ୍ରାମର ଓଭରହେଡ୍ ପାଣିଟାଙ୍କି।

# ୟାସ୍‌ର କ୍ଷୟକ୍ଷତି ଆକଳନ ଆରମ୍ଭ

**ରସୁଲପୁର,୩୧।୫(ଡି.ଏନ.ଏ.)**

**ରସୁଲପୁର ବ୍ଲକ୍**
- ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ
- ପୂର୍ଣ୍ଣାଙ୍ଗ ରିପୋର୍ଟକୁ ଅପେକ୍ଷା

ରସୁଲପୁର ବ୍ଲକ ଦେଇ ବାତ୍ୟା ୟାସ୍ ଅତିକ୍ରମ କରିବାର ୫ଦିନ ବିତି ସାରିଛି। ବ୍ଲକ ଅଞ୍ଚଳରେ ବାତ୍ୟା ଓ ତା'ର ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷାଜନିତ କ୍ଷୟକ୍ଷତି ୫ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ପ୍ରାଥମିକ ଆକଳନ କରାଯାଇଛି । ତେବେ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିବା ପାଇଁ ଆଉ କିଛିଦିନ ସମୟ ଲାଗିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି । କ୍ଷୟକ୍ଷତି ଆକଳନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ବୋଲି କ୍ଷେତ୍ରାଧିକାରୀମାନେ କହିଛନ୍ତି ।

ବାତ୍ୟା କ୍ଷୟକ୍ଷତି ଆକଳନ ପାଇଁ ବ୍ଲକ ଅଧୀନରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ଗ୍ରାମ୍ୟ ରୋଜଗାର ସେବକ, ତହସିଲ ଅଧୀନ ରାଜସ୍ୱ ନିରୀକ୍ଷକ, ସୁପରଭାଇଜର, କୃଷି ବିଭାଗ ପକ୍ଷରୁ ଗ୍ରାମ୍ୟ କୃଷି ସେବିକା/ସେବକ, କୃଷକ ସାଥୀ, ଉଦ୍ୟାନ କୃଷି ବିଭାଗ ଅଧୀନ କୃଷି ଓଭରସିୟର, ଉଦ୍ୟାନ ସାଥୀ ଭଳି କ୍ଷେତ୍ରାଧିକାରୀମାନେ ନିୟୋଜିତ ହୋଇଛନ୍ତି । ବ୍ଲକ ଓ ତହସିଲ ଅଧୀନ ୨୮ ପଞ୍ଚାୟତରୁ ବାସ୍ତବ ଚିତ୍ର ଅନୁଧ୍ୟାନ କରିବା ସହ ମିଳିତ ଭାବେ ରିପୋର୍ଟ ପ୍ରସ୍ତୁତ ହେବ । କ୍ଷେତ୍ରାଧିକାରୀଙ୍କ ରିପୋର୍ଟ ଆଧାରରେ ଚୂଡ଼ାନ୍ତ ରିପୋର୍ଟ ସରକାରଙ୍କ ଉଦ୍ଦେଶ୍ୟରେ ପଠାଯିବ । ପ୍ରାରମ୍ଭିକ ଅବସ୍ଥାରେ ବ୍ଲକ ଅଞ୍ଚଳରେ ଦୁର୍ବଳ ଅବସ୍ଥାରେ ଥିବା ସରକାରୀ କୋଠା ଯଥା ସ୍କୁଲଘର, ଅଙ୍ଗନୱାଡି କେନ୍ଦ୍ର, କୋଠଘର, ବ୍ଲକ୍‌ଘର, ପମ୍ପହାଉସ, କଚ୍ଚା ଓ ପକ୍କାରାସ୍ତା, ଗ୍ରାମୀଣ ଆବାସ ଆଦି ନଷ୍ଟ ହୋଇଛି ବୋଲି ସୂଚନା ମିଳିଛି । ଏହାର ଆନୁମାନିକ ମୂଲ୍ୟ ୫କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ତଦନ୍ତ ଚାଲିଛି, ଦାୟିତ୍ୱରେ ଥିବା ଅଧିକାରୀମାନଙ୍କଠାରୁ ରିପୋର୍ଟ ଆସିବା ପରେ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ବିଡିଓ ଉମାକାନ୍ତ ପରିଡା କହିଛନ୍ତି।

ଏହାଛଡା ରସୁଲପୁର ତହସିଲ ପକ୍ଷରୁ ପ୍ରଭାବିତ ହୋଇଥିବା କଚ୍ଚା, କୁଡିଆ ଘର, ଗୁହାଳ ଘର କ୍ଷତିକୁ ନେଇ ସର୍ଭେ କରାଯାଉଛି । ଦୈନିକ ସର୍ଭେର ଅଗ୍ରଗତିକୁ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଅନୁଧ୍ୟାନ କରୁଛନ୍ତି । ସୋମବାର ସୁଦ୍ଧା ତହସିଲ ଅଧୀନରେ ୬୦ ଗୁହାଳ ଘର, ୫୦ କୁଡିଆ ଓ ଚାଳଘର କ୍ଷତିଗ୍ରସ୍ତ ହୋଇଥିବା ଆକଳନ କରାଯାଇଛି । ୭୦ ହେକ୍ଟର ଫସଲ କ୍ଷୟକ୍ଷତି ହୋଇଥିବା ନେଇ ରିପୋର୍ଟ ଆସିଛି । ଏହାବାଦ୍ ୪୦୦ ହେକ୍ଟର ଆଖୁ ଓ ୨୦ ହେକ୍ଟର ଜମିରେ ନଳିତା ଚାଷ ହୋଇଥିଲା । ବାତ୍ୟାରେ ସେ ସବୁ ଫସଲର କୌଣସି କ୍ଷତି ହୋଇ ନ ଥିବା କୃଷି ଅଧିକାରୀ ଭାଗ୍ୟଧର ସାହୁ କହିଛନ୍ତି । ତେବେ ବ୍ଲକ ଅଞ୍ଚଳରେ ହାରାହାରି ୨୫୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ପନିପରିବା ଚାଷ ଓ ୫ ହେକ୍ଟର ଜମିରେ ପାନବରଜ ଚାଷ ହୋଇଥିଲା । ୟାସ୍ ପ୍ରଭାବରେ ପ୍ରବଳ ବର୍ଷା ହୋଇଥିବାରୁ ପରିବା ଓ ପାନବରଜ ଚାଷ ପ୍ରଭାବିତ ହୋଇଛି । ପ୍ରାଥମିକ ଅବସ୍ଥାରେ ପ୍ରଶାସନ କ୍ଷୟକ୍ଷତିକୁ ୩୩ ପ୍ରତିଶତ ବୋଲି ଆକଳନ କରୁଛି । ହେଲେ ପରିବା ଓ ପାନବରଜରେ ହୋଇଥିବା ବାସ୍ତବ କ୍ଷୟକ୍ଷତି ଅଧିକାରୀଙ୍କ ଆକଳନଠାରୁ ଢେର ଅଧିକ ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। କ୍ଷୟକ୍ଷତିକୁ ଠିକ୍ ଭାବେ ଆକଳନ କରାଯାଇ ରିପୋର୍ଟ କରିବାକୁ ଚାଷୀମାନେ ନିବେଦନ କରୁଛନ୍ତି । ବିଭିନ୍ନ ବିଭାଗ ପକ୍ଷରୁ କ୍ଷୟକ୍ଷତିକୁ ଆକଳନ କରାଯାଉଛି। ସମ୍ପୂର୍ଣ୍ଣ ରିପୋର୍ଟ ଆସିବା ପରେ କ୍ଷତିର ବାସ୍ତବ ଚିତ୍ର ସ୍ପଷ୍ଟ ହୋଇପାରିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।


କ୍ଷୟକ୍ଷତିର ଆକଳନ ସମୟରେ ଅଧିକାରୀଙ୍କ ସହ ଉପସ୍ଥିତ ଚାଷୀମାନେ ।

# ଜଳାଶୟକୁ ପୋତି ଗୃହ ନିର୍ମାଣ ଅଭିଯୋଗ

**ଯାଜପୁର ଟାଉନ,୩୧।୫(ଡି.ଏନ.ଏ)**

ଯାଜପୁର ପୌରାଞ୍ଚଳରେ ଥିବା ବିଭିନ୍ନ ଜଳାଶୟ ପୋତାଯାଇ ଗୃହ ନିର୍ମାଣ ଚାଲିଛି। ପୌରପ୍ରଶାସନ କିମ୍ବା ସ୍ପେଶାଲ ପ୍ଲାନିଂ ଅଥରିଟି ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଯାଜପୁର ଯଯାତିନଗର ମୌଜାର ଖାତା ନଂ.୫୩୬/୫୦୩ର ଖସଡା ନଂ.୬୬୭ ଜଳାଶୟ କିସମ ଜମି ବୋଲି ଉଲ୍ଲେଖ ଥିବା ବେଳେ ଜଣେ ବ୍ୟକ୍ତି ସେଠାରେ ଗୃହ ନିର୍ମାଣ କରୁଥିବା ଯାଜପୁର ଜିଲାପାଳଙ୍କୁ ନିକଟରେ ଅଭିଯୋଗ କରାଯାଇଛି। ସରକାରୀ ନିୟମ ଅନୁସାରେ କୌଣସି ବ୍ୟକ୍ତି ଜଳାଶୟରେ ଗୃହ ନିର୍ମାଣ କରିପାରିବେ ନାହିଁ । ସେହି ଅଞ୍ଚଳର ବର୍ଷାଜଳ ଉକ୍ତ ଜଳାଶୟକୁ ନିଷ୍କାସନ ହୋଇଥାଏ । ଘର ନିର୍ମାଣ ହେଲେ ବର୍ଷା ଦିନେ ସେଠାରେ ପାଣି ଜମିବାର ସମ୍ଭାବନା ଅଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଚନ୍ଦ୍ରଶେଖର ରାୟ, କିଶୋର ଚନ୍ଦ୍ର ସାମଲ, ହଳଧର ସାହୁ, ସୁଦୀପ୍ତ କୁମାର ପଣ୍ଡା, ରବିନ୍ଦ୍ର କୁମାର ବେହେରା, ବିଜୟ ବେହେରା, ସୁରେଶ କୁମାର ପତି, ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି।

# ପୋତାଯାଇଥିବା ମୃତଦେହ ବାହାରିବ

**ଧର୍ମଶାଳା,୩୧।୫(ଡି.ଏନ୍.ଏ.)**

**ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ**

ଧର୍ମଶାଳା ଥାନା ଅଧୀନ ଆରୁହା ଓସିସି କଲୋନୀରେ ଜଣେ ଯୁବତୀଙ୍କ ମୃତ୍ୟୁକୁ ନେଇ ବିବାଦ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଆରୁହା ଓସିସି କଲୋନୀର ସ୍ୱର୍ଗତ ଅରୁଣ ଜେନାଙ୍କ ଝିଅ ଉପାସନା(୨୨)ଙ୍କ ରବିବାର ମୃତ୍ୟୁ ଘଟିଥିଲା । ପରିବାର ସଦସ୍ୟ ଓ ପଡ଼ୋଶୀ ମୃତଦେହକୁ ଘଟଣା ଦିନ ଗାଁ ଶ୍ମଶାନରେ ପୋତି ଦେଇଥିଲେ। ହେଲେ କେତେଜଣ ଗ୍ରାମବାସୀ ଏ ସଂକ୍ରାନ୍ତରେ ଧର୍ମଶାଳା ଥାନାକୁ ଖବର ଦେଇଥିଲେ। ପୋଲିସ ଆରୁହା ଗାଁରେ ପହଞ୍ଚି ଯୁବତୀଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲା। ହୃଦ୍‌ଘାତରେ ଝିଅର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଥିଲେ। ହେଲେ ପୋଲିସ ଏହାକୁ ସହଜରେ ଗ୍ରହଣ କରିନାହିଁ । ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମଙ୍ଗଳବାର ମାଟିତଳୁ ମୃତଦେହ ବାହାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଥାନା ଅଧିକାରୀ ସରୋଜ କୁମାର ସାହୁ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

# ଘର ପାଇଁ ପିଡିଙ୍କ ଗାଡ଼ି ଆଗରେ ଶୋଇଲେ ପାଣ୍ଡବ


ପିଡିଙ୍କ ଗାଡ଼ି ଆଗରେ ଶୋଇଛନ୍ତି ପାଣ୍ଡବ ।

**ଦଶରଥପୁର,୩୧।୫(ଡି.ଏନ.ଏ.)**

ଆବାସ ଯୋଜନାରେ ଘରଟିଏ ପାଇଁ ୫ ବର୍ଷ ଉଦ୍ୟମ ବିଫଳ ହେବା ପରେ ସୋମବାର ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଗାଡି ସାମ୍ନାରେ ଶୋଇ ନିଜର ଦୁଃଖ ଜଣାଇଛନ୍ତି ଦଶରଥପୁର ବ୍ଲକ୍ ଡାହାଣହତା ପଞ୍ଚାୟତ ଡାହାଣହତା ଗ୍ରାମର ପାଣ୍ଡବ ସାହୁ । ଦଶରଥପୁର ବ୍ଲକକୁ ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ ବିଭିନ୍ନ କାମର ସମୀକ୍ଷା ପାଇଁ ଆସିଥିବା ବେଳେ ଏହି ଅଭାବନୀୟ ଘଟଣା ଘଟିଛି । ପାଣ୍ଡବ ଆବାସ ଯୋଜନା ପାଇଁ ଆବେଦନ କରିବାକୁ ଆସିଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଆସିଥିବା ଜାଣିବା ପରେ ପାଣ୍ଡବ ତାଙ୍କୁ ଦେଖାକରିବାକୁ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ । ମାତ୍ର ତାଙ୍କୁ ବ୍ଲକ କର୍ମଚାରୀମାନେ ବାରଣ କରିଥିଲେ। ଏଣୁ ପାଣ୍ଡବ ବାହାରେ ଅପେକ୍ଷା କରିଥିଲେ। ସମୀକ୍ଷା ପରେ ପ୍ରକଳ୍ପ ନିର୍ଦ୍ଦେଶକ ଗାଡିରେ ବସି ଯିବାକୁ ବାହାରିଥିବା ବେଳେ ପାଣ୍ଡବ ତତ୍‌କ୍ଷଣାତ୍ ତାଙ୍କ ଗାଡି ଆଗରେ ଶୋଇପଡିଥିଲେ । ଏହା ଦେଖି ପିଡିଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମଚାରୀଙ୍କ ସମେତ ବିଡିଓ ନାରାୟଣ ଚନ୍ଦ୍ର ନାୟକ, କ୍ୟାସିୟର ଦଶରଥ ଦାସ ଓ କେତେଜଣ କର୍ମଚାରୀ ପାଣ୍ଡବଙ୍କୁ ଗାଡି ଆଗରୁ ଉଠାଇ ଆଣି ତାଙ୍କ ସମସ୍ୟା ସମ୍ପର୍କରେ ବୁଝିବେ ବୋଲି ପିଡିଙ୍କୁ କହିଥିଲେ । ହେଲେ ପିଡିଙ୍କ ଗାଡ଼ି ସେଠାରୁ ଚାଲିଯାଇଥିଲା । ବ୍ଲକରେ ପାଣ୍ଡବଙ୍କ କଥା କେହି ନ ବୁଝିବାରୁ ସେ ପୁଣି ଥରେ ନିରାଶ ହୋଇ ଫେରିଥିଲେ ।

ସୂଚନାଯୋଗ୍ୟ, ପାଣ୍ଡବ ଜଣେ ଅତି ଗରିବ ଲୋକ। ତାଙ୍କ ସ୍ତ୍ରୀ ହେମଲତା ଶତ ପ୍ରତିଶତ ଭିନ୍ନକ୍ଷମ । ମାତ୍ର ତାଙ୍କୁ ଏଯାବତ ସରକାରୀ ଆବାସ ଖଣ୍ଡେ ମିଳିପାରିନାହିଁ। କାର୍ଯ୍ୟାଦେଶ ପୂର୍ବରୁ ଦାୟିତ୍ୱରେ ଥିବା କର୍ମଚାରୀମାନେ ତାଙ୍କୁ ଆଗୁଆ ୧୦ ହଜାର ଟଙ୍କା ମାଗିଥିବା ପାଣ୍ଡବ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ବିଡିଓଙ୍କୁ ପଚାରିବାରୁ ତାଙ୍କ ପୈତୃକ ସମ୍ପତ୍ତିରେ ୨ ମହଲା କୋଠା ଘର ଅଛି । ତଥାପି ଆମେ ଏ ସଂକ୍ରାନ୍ତରେ ତଦନ୍ତ କରିବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# କାମଦେବ ମାହାରା ଘାଇ ମରାମତି କାମ ସରିଲା ନାହିଁ

**ସିଂହପୁର,୩୧।୫(ଡି.ଏନ.ଏ.)**

**ପୁଣି ଚାଷ ଜମି ଜଳମଗ୍ନ**

ବିଂଝାରପୁର ଜଳ ସମ୍ପଦ ବିଭାଗର ଜରି ପଞ୍ଚାୟତ ନାଉବାଙ୍କ କାମଦେବ ମାହାରା ଘାଇ ମରାମତି କାମ ଶୀଘ୍ର ଶେଷ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଗତବର୍ଷ ଅଗଷ୍ଟ ମାସରେ ଏହି ଘାଇ ହୋଇ ୧୫ ପଞ୍ଚାୟତର ଚାଷଜମିର ଫସଲ ନଷ୍ଟ ହୋଇଥିଲା। ଏ ନେଇ ସରକାରଙ୍କ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ମିଳିଥିଲା । ହେଲେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଯୋଗୁ ସେହି କାମ ମନ୍ଥର ଗତିରେ ଚାଲିଥିଲା । ଫଳରେ ୟସ୍ ବାତ୍ୟା ପରେ ଖରସ୍ରୋତାରେ ଆସିଥିବା ବନ୍ୟା ଜଳ ମୁକୁଳା ଘାଇ ଅତିକ୍ରମ କରି ପୁଣି ଥରେ ଚାଷ ଜମିକୁ ଜଳାର୍ଣ୍ଣବ କରିଥିଲା । ଏଥିପାଇଁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ଚାଷୀମାନେ ଦାୟୀ କରିଛନ୍ତି । ତୁରନ୍ତ ସେହି ଘାଇ ମରାମତି କାମ ଶେଷ କରିବାକୁ ପ୍ରାକ୍ତନ ସରପଞ୍ଚ ନନ୍ଦକିଶୋର ମଲ୍ଲିକ, ସନ୍ଧ୍ୟାରାଣୀ ପାତ୍ର, ପ୍ରମୋଦ ସାମଲ, ବିଜେଡି ପଞ୍ଚାୟତ ସଭାପତି ଉମେଶ ଦାସ, ପୂର୍ବତନ ସମିତି ସଭ୍ୟା ସରୋଜିନୀ ଜେନା, ପଦ୍ମଲୋଚନ ସାହୁ, ଅଭୟ ଧଳ, ଅକ୍ଷୟ ଧଳ, ସୁଶାନ୍ତ ଧଳଙ୍କ ସମେତ ବହୁ ଚାଷୀ ବିଭାଗୀୟ ଅଧିକାରୀ ଓ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# ସାପ କାମୁଡ଼ାରେ କଲେଜ ଛାତ୍ର ମୃତ

**ଚଣ୍ଡିଖୋଲ,୩୧।୫(ଡି.ଏନ.ଏ.)**

ବଡ଼ଚଣା ଥାନା ଦର୍ପଣ ପଞ୍ଚାୟତ କୋହ୍ଲା ସିଂ ଗ୍ରାମରେ ସାପ କାମୁଡାରେ ଜଣେ ଛାତ୍ରଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ନୃସିଂହ ବାରିକଙ୍କ ପୁଅ ଜିତୁ ବାରିକ(୧୭)। ରବିବାର ସେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଡାକ୍ତରଙ୍କ ପରାମର୍ଶରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକ ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜିତୁ ଚଣ୍ଡିଖୋଲ କଲେଜର ଯୁକ୍ତ ୩ ଛାତ୍ର ଥିଲେ।

# ଫେରୋକ୍ରୋମ କାରଖାନାରେ ତାଲା ପଡ଼ିବ

**ଯାଜପୁର ଅଫିସ,୩୧।୫**

ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ଜିଦ୍‌ଖୋର ମନୋଭାବ ଯୋଗୁ କଳିଙ୍ଗନଗର ଶିଳ୍ପାଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଫେରୋକ୍ରୋମ କାରଖାନାରେ ତାଲା ପଡ଼ିବା ଆଶଙ୍କା ସୃଷ୍ଟି କରିଛି। ବେଳହୁଁ ଓଏମ୍‌ସିର ଇ-ନିଲାମରେ ମୂଳଦର ହ୍ରାସ ନ କରାଗଲେ ଉପରୋକ୍ତ କାରଖାନା ଉପରେ ନିର୍ଭରଶୀଳ ପ୍ରାୟ ୧୦ ହଜାର କର୍ମଚାରୀ ଓ ଶ୍ରମିକ ଜୀବିକା ହରାଇବା ନିଶ୍ଚିତ ବୋଲି କଳିଙ୍ଗନଗର ଶିଳ୍ପ ସଂଘ ପକ୍ଷରୁ ଅଭିଯୋଗ ହେଉଛି। ତେବେ ଏନେଇ ସଂଘ ପକ୍ଷରୁ ବାରମ୍ବାର ମୁଖ୍ୟମନ୍ତ୍ରୀ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ କେହି ଶୁଣୁ ନଥିବାରୁ ପରିସ୍ଥିତି ଆହୁରି ଜଟିଳ ହେବାରେ ଲାଗିଛି।

ସୂଚନା ଅନୁଯାୟୀ ଓଡ଼ିଶାର କ୍ରୋମ ଖଣି ଖନନ କ୍ଷେତ୍ରରେ ପ୍ରାୟ ୬୦% ଲିଜ୍ ସହିତ ଓଏମ୍‌ସି ହେଉଛି ସର୍ବବୃହତ ଉତ୍ପାଦକ। ଏହାର ଉତ୍ପାଦନ ସ୍ତର ବାର୍ଷିକ ପ୍ରାୟ ୧.୨ ମିଲିୟନ ଟନ୍। ଫେରୋକ୍ରୋମ ଉତ୍ପାଦନରେ ଜଡ଼ିତ ରାଜ୍ୟସ୍ତରୀୟ ଶିଳ୍ପଗୁଡିକ ସହିତ ଓଏମ୍‌ସିର ଦୀର୍ଘକାଳୀନ ଲିଙ୍କ୍ ରହିଛି। ଓଏମ୍‌ସିର ମାସିକ ଉତ୍ପାଦନର ୭୦ ପ୍ରତିଶତକୁ ରାଜ୍ୟସ୍ତରୀୟ ଶିଳ୍ପ ଏବଂ ୩୦ ପ୍ରତିଶତକୁ ରାଜ୍ୟ ବାହାର ଶିଳ୍ପ ଇ-ନିଲାମ ପ୍ରକ୍ରିୟାରେ ହାସଲ କରିଥାନ୍ତି। ଫେବୃୟାରୀ ୨୦୨୧ ପରଠାରୁ ଏଯାଏ ଓଏମ୍‌ସି ୫ଟି ଇ-ନିଲାମ କରିଆସିଛି, ଯେଉଁଥିରେ କୌଣସି ଫେରୋକ୍ରୋମ ଶିଳ୍ପସଂସ୍ଥା ଅଂଶଗ୍ରହଣ କରିନାହାନ୍ତି। କେବଳ ରିଫ୍ରାକ୍ଟୋରି ଏବଂ କେମିକାଲ ଉତ୍ପାଦକମାନେ ୧୦ ପ୍ରତିଶତ ଉତ୍ପାଦନ କ୍ରୟ କରିଥିଲେ। ଅନୁସନ୍ଧାନରୁ ଜଣାପଡ଼େ ଯେ ଇ-ନିଲାମ ପାଇଁ ଖଣି ନିଗମର ତ୍ରୁଟିପୂର୍ଣ୍ଣ ମୂଳ ମୂଲ୍ୟ ନିର୍ଦ୍ଧାରଣ ହେଉଛି ଏହାର ମୁଖ୍ୟ କାରଣ। ଏହିମର୍ମରେ ପୂର୍ବରୁ କଳିଙ୍ଗନଗର ଶିଳ୍ପ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଓଏମ୍‌ସି ସେମାନଙ୍କ ମୂଲ୍ୟ ପ୍ରଣାଳୀକୁ ବଢ଼ାଇବାକୁ ଜିଦ୍ ଧରିଛି ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଦ୍ୱାରା କରାଯାଇଥିବା ପ୍ରତିନିଧିତ୍ୱକୁ ଅଣଦେଖା କରୁଛି। ରାଜ୍ୟ ସରକାର ଏମ୍‌ଓୟୁ ମାଧ୍ୟମରେ କ୍ରୋମପଥର ଯୋଗାଇ ଦେବାର ନିଶ୍ଚିତ କରିବା ଦ୍ୱାରା କଳିଙ୍ଗନଗରରେ ଫେରୋକ୍ରୋମ କାରଖାନା ସ୍ଥାପନ କରିବାକୁ ନିବେଶକଙ୍କୁ ଆକର୍ଷିତ କରିଥିଲା। ରାଜ୍ୟ ସ୍ତରୀୟ ଫେରୋକ୍ରୋମ କ୍ରେତାମାନେ ଯେଉଁମାନେ ରାଜ୍ୟରେ ବିପୁଳ ନିଯୁକ୍ତି ସୃଷ୍ଟି କରିଥିଲେ ସେମାନେ ଏବେ ଅଲୋଡ଼ା ହେଉଛନ୍ତି। ଫଳରେ ଫେରୋକ୍ରୋମ ଶିଳ୍ପ ଆହୁରି ରୁଗ୍ଣ ହେବାକୁ ଯାଉଛି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏହି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାରେ ରାଜ୍ୟ ସରକାର ହସ୍ତକ୍ଷେପ କରି ଏହାକୁ ଶୃଙ୍ଖଳିତ କରନ୍ତୁ ବୋଲି ବିଭିନ୍ନ ସଂଘ ପକ୍ଷରୁ ଦାବି ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ଓଏମ୍‌ସିର ଆଞ୍ଚଳିକ ଅଧିକାରୀ ପି.କେ. ସ୍ୱାଇଁଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।



**ବିପଦରେ ନିଯୁକ୍ତି କ୍ଷେତ୍ର**

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧ ଜୁନ୍, ୨୦୨୧

## ସାପ କାମୁଡ଼ାରେ ନାବାଳକ ମୃତ

**ବାଲିଆ:** ବିରିଡି ବ୍ଲକ ୨୨ ମୌଜା ଚାଷୀଖଣ୍ଡସ୍ଥିତ କଣ୍ଟାଶାସନ ଗ୍ରାମରେ ସାପ କାମୁଡ଼ାରେ ରବିବାର ବିଳମ୍ବିତ ରାତିରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଜ୍ଞାନ ରଞ୍ଜନ ଦାସଙ୍କ ପୁଅ ସ୍ମୃତି ରଞ୍ଜନ (୧୧)। ରାତିରେ ସମସ୍ତେ ଶୋଇଥିବା ବେଳେ ଏକ ବିଷାକ୍ତ ରଣା ସାପ ଘରେ ପଶି ସ୍ମୃତିଙ୍କ ପେଟ ନାହି ପାଖରେ କାମୁଡ଼ି ଦେଇଥିଲା। ତାଙ୍କ ପାଟି ଶୁଣି ପରିବାର ଲୋକେ ଉଠିପଡ଼ିଥିଲେ। ଗୁରୁତର ଅବସ୍ଥାରେ ସ୍ମୃତିଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଓ ପରେ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କ ମୃତ୍ୟୁ ଘଟିଛି। ଏନେଇ ପରିବାରରେ ଶୋକର ଛାୟା ଖେଳିଯାଇଛି।



## ସଂକ୍ଷେପରେ

### ଗଙ୍ଗଦା ବଜାରରୁ ଅପରିଚିତ ବୃଦ୍ଧା ଉଦ୍ଧାର



**ନାଉଗାଁ,୩୧।୫(ସ୍ୱ.ପ୍ର.):** ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା ବଜାରରେ ୪ ଦିନ ହେବ ଜଣେ ଅପରିଚିତ ବୃଦ୍ଧା ବୁଲୁଥିଲେ। ତାଙ୍କ ବୟସ ୭୫ରୁ ଊର୍ଦ୍ଧ୍ୱ ହେବ। ତାଙ୍କ ଆଖି ପତା ଖଣ୍ଡିଆ ହୋଇଯାଇଥିବାବେଳେ ସେ ଠିକ୍ ଭାବେ ଚାଲିପାରୁ ନାହାନ୍ତି। ସ୍ଥାନୀୟ ଯୁବକ ଓ ସାମାଜିକ କର୍ମୀ ବୃଦ୍ଧାଙ୍କୁ ଉଦ୍ଧାର କରି ଠିକଣା ବିଷୟରେ ପଚାରିବାରୁ ବାଲିକୁଦାରୁ ଆସିଛନ୍ତି ବୋଲି କହିଛନ୍ତି। ମାତ୍ର ସେ ସମ୍ପୂର୍ଣ୍ଣ ଠିକଣା କହିପାରୁନାହାନ୍ତି। ଏପରିସ୍ଥଳେ ବୃଦ୍ଧା ଜଣକ ଏତେ ଦୂରକୁ କିପରି ଆସିଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବିଷୟରେ ନାଉଗାଁ ଥାନାରେ ଖବର ଦିଆଯିବା ପରେ ବୃଦ୍ଧାଙ୍କୁ ରଖିବା ପାଇଁ ସୁବନ୍ଦୋବସ୍ତ କରାଯିବ ବୋଲି ଥାନା ଅଧିକାରୀ ଭରତ ଚନ୍ଦ୍ର ବେହେରା କହିଛନ୍ତି।

### କରୋନାରେ ମୃତ ଠିକାଶ୍ରମିକଙ୍କ ପରିବାରକୁ ମିଳିବ ୫ ଲକ୍ଷ

**ପାରାଦୀପ,୩୧।୫(ସ୍ୱ.ପ୍ର.):** ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପରେ କାର୍ଯ୍ୟରତ ଠିକାଶ୍ରମିକଙ୍କ ପାଇଁ ବିଶୋଧନାଗାର କର୍ତ୍ତୃପକ୍ଷ ସ୍ୱତନ୍ତ୍ର କୋଭିଡ୍ ସହାୟତା ଯୋଗାଇଦେବାକୁ ଘୋଷଣା କରିଛନ୍ତି। କୌଣସି ଠିକା ଶ୍ରମିକଙ୍କ କରୋନାରେ ମୃତ୍ୟୁ ଘଟିଲେ ପରିବାରକୁ ୫ ଲକ୍ଷଟଙ୍କା କ୍ଷତିପୂରଣ ଦିଆଯିବା ସହ ଠିକା ଶ୍ରମିକଙ୍କ ପାଇଁ ଟେଷ୍ଟିଂ, ଟିକାକରଣ ବ୍ୟବସ୍ଥା କରାଯିବ। ଏହି ଘୋଷଣା ପରେ ୟୁନିୟନ ପକ୍ଷରୁ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦିଆଯାଇଛି। କରୋନାର ୨ୟ ଲହରରେ ବିଶୋଧନାଗାରର ଏକାଧିକ ଠିକାଶ୍ରମିକ ସଂକ୍ରମିତ ହୋଇଥିଲେ। ଏନେଇ ପାରାଦୀପ ଏରସମା ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିୟନ ସଭାପତି ବାପି ସର୍ଖେଲ ମେ ୬ ତାରିଖରେ ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକଙ୍କୁ ୬ ଦଫା ଦାବି ସମ୍ବଳିତ ଚିଠି ଦେଇଥିଲେ। ସେଥିରେ ସମସ୍ତ ଠିକା ଶ୍ରମିକଙ୍କୁ ମାଗଣା ଟେଷ୍ଟିଂ, ଆକ୍ରାନ୍ତ ଶ୍ରମିକଙ୍କ ମୃତ୍ୟୁ ଘଟିଲେ ୧୫ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ମୃତକଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ଦେବାକୁ ଦର୍ଶାଇଥିଲେ।

### ମା' ରାମଚଣ୍ଡୀ ମନ୍ଦିର ଶତାୟୁ ପୂଜକଙ୍କ ଦେହାନ୍ତ

**ମହାକାଳପଡ଼ା,୩୧।୫(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ରାମନଗର ପଞ୍ଚାୟତ ପ୍ରାଚୀନ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିରର ଶତାୟୁ ପୂଜକ ମଧୁସୂଦନ ଶୁକ୍ଳା (୧୦୪)ଙ୍କ ଦେହାନ୍ତ ହୋଇଯାଇଛି। ଖବରପାଇ ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଏହି ପଞ୍ଚାୟତର ନିଜ ଜନ୍ମସ୍ଥାନ ବରଜ ବହାକୁଦ ଗାଁର ଶତାୟୁ ଶୁକ୍ଳା ମୃତ୍ୟୁ ପର୍ଯ୍ୟନ୍ତ ବେଶ୍ ଚଳଚଞ୍ଚଳ ଥିଲେ। ମା' ରାମଚଣ୍ଡୀ ମନ୍ଦିରରେ ଦୀର୍ଘଦିନ ଧରି ପୂଜକ ଭାବେ କାର୍ଯ୍ୟ ସମ୍ପନ୍ନ କରିଥିଲେ। ତାଙ୍କ ବଡ଼ପୁଅ ତଥା ରାମନଗର ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ବିଜୟ ଗ୍ରାମ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ। ପୂଜକ ଶୁକ୍ଳା ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ରହି ସମାଜ ସେବାରେ ନିୟୋଜିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସଂରକ୍ଷଣ, ଷ୍ଟାଇପେଣ୍ଡରୁ ବଞ୍ଚିତ ଛାତ୍ରୀଛାତ୍ର

**କେନ୍ଦ୍ରାପଡ଼ା ଅଫିସ, ୩୧।୫**

- ବିଭିନ୍ନ ପ୍ରମାଣପତ୍ର ପାଇବାକୁ ଭୂମିହୀନ ହନ୍ତସନ୍ତ
- ଏସ୍‌ଇସିସି ତଥ୍ୟ ନ ଥିବାରୁ ଆବାସ ଯୋଜନା ନାହିଁ
- ସ୍କୁଲରେ ମିଳିବ ଛାତ୍ରୀଛାତ୍ରଙ୍କୁ ଜାତି ପ୍ରମାଣପତ୍ର

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଟିକରପଙ୍ଗା ପଞ୍ଚାୟତ ନାରାୟଣପୁର ଗାଁରେ ପ୍ରାୟ ୩୦୦ ପରିବାର ଅଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଅନୁସୂଚିତ ଜାତି ବର୍ଗ। ତେବେ ଏସ୍‌ଇସିସି (ସୋସିଓ ଇକୋନୋମିକ ଆଣ୍ଡ କାଷ୍ଟ ସେନସ୍‌ସ୍‌)ର ତଥ୍ୟ ଜିଲା ପ୍ରଶାସନ ନିକଟରେ ନ ଥିବାରୁ ଗ୍ରାମବାସୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଏପରି ଅନେକ ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇଛି। ଏହି ଜିଲାରେ ଭୂମିହୀନ ପଛୁଆବର୍ଗଙ୍କ ପାଇଁ ଜାତି ପ୍ରମାଣପତ୍ର ପାଇବା ଏବେ ସ୍ୱପ୍ନ ସଦୃଶ ହୋଇଛି। ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ମିଳୁଥିବା ବିଭିନ୍ନ ସୁବିଧା, ଯୋଜନା, ଶିକ୍ଷାନୁଷ୍ଠାନରେ ଆଡମିଶନ, କର୍ମନିଯୁକ୍ତି, ରିହାତି, ଛାତ୍ରବୃତ୍ତି ଆଦିରୁ ପଛୁଆ ବର୍ଗ ବଞ୍ଚିତ ହେଉଛନ୍ତି।

ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ୨୦୦୯ ଜାନୁୟାରୀ ୯ରେ କେନ୍ଦ୍ର ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଭୂମିହୀନଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଜମିର ପଟ୍ଟାକୁ ବାଧ୍ୟତାମୂଳକ ରଖା ଯାଇଥିବା ବେଳେ ଏହି ବିଜ୍ଞପ୍ତିର କେତେକ ଅଂଶରେ ଭୂମିହୀନଙ୍କ ପାଇଁ କୋହଳ ସର୍ତ୍ତ ରଖାଯାଇଥିଲା। ଜାତି ପ୍ରମାଣପତ୍ର ପ୍ରସ୍ତୁତ ସମୟରେ ମାତାପିତା ଓ ଅଭିଭାବକଙ୍କ ଜାତି ପ୍ରମାଣପତ୍ର, ସେମାନଙ୍କ ସଂସ୍କୃତି, ସାମାଜିକ ବ୍ୟବସ୍ଥା, ଦେବତା, ରୀତିନୀତି, ବିବାହର ଧାରା, ମୃତ୍ୟୁ ସମାରୋହ, ମୃତଦେହର ସଂସ୍କାର ବିଧି ଆଦି ପଦ୍ଧତି ଲକ୍ଷ୍ୟ କରି ଜାତି ସ୍ଥିର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସାମାଜିକ ସ୍ଥିତି ଯାଞ୍ଚ କରିବାକୁ ସ୍ଥାନାନ୍ତର କାରଣ ଓ ମୂଳ ସ୍ଥାନ ନିରୀକ୍ଷଣ ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ ଅଛି। ଏହାସତ୍ତ୍ୱେ ଜିଲାର ବହୁ ସ୍ଥାନରେ ପଛୁଆବର୍ଗ ଭୂମିହୀନ ଭାବେ ରହି ଆସୁଥିଲେ ମଧ୍ୟ ଆବେଦନକାରୀଙ୍କୁ ପ୍ରଶାସନିକ ଅସହଯୋଗ କାରଣରୁ ଜାତି ପ୍ରମାଣପତ୍ର ମିଳୁ ନାହି ବୋଲି ସେ ମତ ଦେଇଛନ୍ତି। ରାଜନଗର ବ୍ଲକ ଭେଙ୍କ୍ଟା ଗାଁର ପ୍ରୀତିଲଗ୍ନା ଦାସ କହିଛନ୍ତି, ଚଳିତବର୍ଷ ସେ ମାଟ୍ରିକ ପାସ କରିଛନ୍ତି। ପରିବାର ସଦସ୍ୟ ଅନୁସୂଚିତ ବର୍ଗର ହୋଇଥିଲେ ମଧ୍ୟ ଭୂମିହୀନ ହୋଇଥିବାରୁ ତାଙ୍କୁ ଜାତି ପ୍ରମାଣପତ୍ର ମିଳିନାହିଁ। ଫଳରେ ସାଧାରଣବର୍ଗର ଛାତ୍ରୀ ଭାବେ ସେ ପାଠ ପଢ଼ିଥିବା ବେଳେ ସରକାରଙ୍କ ଷ୍ଟାଇପେଣ୍ଡ ଯୋଜନାରୁ ସେ ବଞ୍ଚିତ ହୋଇଛନ୍ତି। ଆର୍ଥିକ ଦୁର୍ବଳ ସ୍ଥିତି ଥିବାରୁ କଲେଜରେ ପାଠ ପଢ଼ିବା ସମ୍ଭବ ନୁହେଁ ବୋଲି ସେ ମତ ଦେଇଛନ୍ତି। ଜାତୀୟ ମାନବାଧିକାର ପରିଷଦର ଜିଲା ସଭାପତି ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ୨୦୧୧ସାମାଜିକ ଅର୍ଥନୈତିକ ଜନଗଣନା ଅନୁଯାୟୀ, ରାଜ୍ୟରେ ୮.୩୩ ପ୍ରତିଶତ ଭୂମିହୀନ ଦଳିତ ପରିବାର ଅଛନ୍ତି। ଏମାନଙ୍କ ପାଇଁ ଜାତି ପ୍ରମାଣପତ୍ର ଯୋଗାଡ କରିବା ଏକ କଷ୍ଟକର ବ୍ୟାପାର। ଏଥିପାଇଁ ବହୁ ସମୟରେ ସରକାରୀ ସୁବିଧାର ସୁଯୋଗ ପାଇ ପାରୁନାହାନ୍ତି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୨୦୨୦ ଫେବୃୟାରୀ ୨୬ ରେ ଚିଠି ନଂ. ୯୬୧୮ରେ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ଜାତି ପ୍ରମାଣ ପତ୍ର ଦେବାକୁ ପ୍ରତ୍ୟେକ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ, ଏସ୍‌ସି, ଏସ୍‌ଟି ବିଭାଗ, ସଂଖ୍ୟାଲଘୁ ଏବଂ ପଛୁଆ ଶ୍ରେଣୀ କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଗାଇଡଲାଇନ ପ୍ରସ୍ତୁତ କରିଛନ୍ତି। ଏସବୁ ସତ୍ତ୍ୱେ ପରିଚାଳନାଗତ ତ୍ରୁଟି କାରଣରୁ ପଛୁଆବର୍ଗର ଛାତ୍ରୀଛାତ୍ର ଓ ଲୋକମାନେ ବିଭିନ୍ନ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଠିକ୍ ତଦାରଖ ଓ ୱେବ ପୋର୍ଟାଲରେ ଭୂମିହୀନଙ୍କ ପାଇଁ ଜାତି ପ୍ରମାଣପତ୍ର ପାଇବା ବ୍ୟବସ୍ଥା ହେଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପଚାରିବାରେ ଭୂମିହୀନଙ୍କୁ ଜମି ଯୋଗାଇ ଦେବା ପାଇଁ ବସୁନ୍ଧରା ଯୋଜନା କାର୍ଯ୍ୟକାରୀ ହେଉଛି। ସେହିପରି ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହଯୋଗରେ ଆବାସ ଯୋଜନାର ହିତାଧିକାରୀଙ୍କୁ ଚିହ୍ନଟ କରାଯାଉଛି। ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଜାତି ପ୍ରମାଣପତ୍ର ଯୋଗାଇ ଦେବାକୁ ବ୍ୟବସ୍ଥା ହୋଇଛି ବୋଲି ସେ କହିଛନ୍ତି।

# ଆଶ୍ରୟସ୍ଥଳରେ ୨ ହଜାର ଲୋକ



ରାଜନଗର ଗାଁ ଦାଣ୍ଡରେ ପାଣି ଜମି ରହିଛି।

**ରାଜନଗର, ୩୧।୫(ଡି.ଏନ.ଏ.)**

## ୟାସ୍‌ର ୬ ଦିନ ପରେ

କେନ୍ଦ୍ରାପଡ଼ା ଜିଲାର ରାଜନଗରରେ ବାତ୍ୟା ୟାସ୍ ବ୍ୟାପକ କ୍ଷୟକ୍ଷତି କରିଛି। ବାତ୍ୟାର ୬ଦିନ ପରେ ୨ ହଜାର ଲୋକ ଏବେ ବି ବାତ୍ୟା ଆଶ୍ରୟସ୍ଥଳରେ ଅଛନ୍ତି। ରାଜନଗର ବ୍ଲକ ସାରା ଯୁଆଡକୁ ଚାହିଁଲେ ସମୁଦ୍ର ଭଳି ପାଣି। ହଜାର ହଜାର ଚାଳ ଛପର ଘର ମାଟିରେ ଶୋଇଛି। ଗାଁ ଦାଣ୍ଡରୁ ଜୁଆର ପାଣି ଓ ବର୍ଷାଜଳ ନିଷ୍କାସନ ହୋଇ ନ ଥିବାରୁ ବିପନ୍ନ ପରିବାର ଘର ସଜାଡି ପାରୁନାହାଁନ୍ତି। ସଫଳତାର ସହ ଲୋକଙ୍କୁ ସ୍ଥାନାନ୍ତର କରିବା, ବାତ୍ୟା ଆଶ୍ରୟସ୍ଥଳରେ ବିପନ୍ନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇଛି। ଏବେ ବି ୩ଟି ପଞ୍ଚାୟତରେ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି। ବାତ୍ୟା ପରବର୍ତ୍ତୀ କି କି ପଦକ୍ଷେପ ନିଆଯାଇଛି ଓ ଲୋକଙ୍କ ନିକଟରେ କ'ଣ ସରକାରୀ ସାହାଯ୍ୟ ପହଞ୍ଚିଛି, ବିପନ୍ନ ଅଞ୍ଚଳରେ ସୋମବାର ପହଞ୍ଚି ଜିଲାପାଳ ଅମ୍ରିତ ଋତୁରାଜ ସ୍ଥିତି ସମୀକ୍ଷା କରିଛନ୍ତି। ବୈଠକରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନ୍ଦରଧର ମହାଳିକ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଭୋଳାନାଥ ସେଠୀ ଉପସ୍ଥିତ ଥିଲେ। ସମୀକ୍ଷା ପରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ରଙ୍ଗଣୀ ପଞ୍ଚାୟତର ପଟ୍ଟାପାରିଆ ବାତ୍ୟା ଆଶ୍ରୟସ୍ଥଳରେ ପହଞ୍ଚି ଥିଲେ। ସେଠାରେ ବିପନ୍ନଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ ଦେଖିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ। କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ। ବାତ୍ୟା ଅଞ୍ଚଳରେ ନଳକୂପଗୁଡିକୁ ୱାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ସୁଦ୍ଧା ରଙ୍ଗଣୀ ପଞ୍ଚାୟତରେ ବିପନ୍ନଙ୍କୁ ପାଲ ଯୋଗାଇ ଦେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଅନ୍ୟ ବିପନ୍ନ ଅଞ୍ଚଳରେ ଘର ଭାଙ୍ଗିଥିବା ଲୋକଙ୍କୁ ପାଲ ଯୋଗାଇ ଦେବାକୁ କହିଛନ୍ତି। ପୋଖରୀରୁ ମାଛ ଭାସି ଗଲା, ଜମିରେ ଲୁଣା ମାଡି ଗଲା, ଘରେ ଏବେ ବି କାଦୁଅ ପଚ ପଚ ହେଉଛି, ଚୁଲିରେ ପାଣି ଜମି ରହିଛି ବୋଲି ବିପନ୍ନ ଲୋକେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଜିଲାପାଳ ଭେଙ୍କ୍ଟା ଗାଁର କ୍ଷତିଗ୍ରସ୍ତ ରାସ୍ତା ଓ ଘର ଦ୍ୱାର ବୁଲି ଦେଖିଥିଲେ। ବିପନ୍ନଙ୍କୁ ସରକାରୀ ନିୟମ ଅନୁଯାୟୀ ସମସ୍ତ ସହାୟତା ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇ ଦିଆଯିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାପାଳଙ୍କ ସହ ଏପିଡି, ବିଡିଓ, ତହସିଲଦାର, କନିଷ୍ଠଯନ୍ତ୍ରୀ ଦେବ ରଞ୍ଜନ ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବାହାଦୂର ଟୁଡୁ, ଜିଆରଏସ୍ ରତ୍ନାକର ଜେନା ପ୍ରମୁଖ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଥିଲେ।

# ଗାଁରେ ପଶିଲା ଖରସ୍ରୋତାର ବନ୍ୟା ପାଣି

**ରାଜକନିକା ୩୧।୫ (ଡି.ଏନ.ଏ)**



ନଦୀ ବନ୍ଧ ତଳେ ଥିବା ଗାଁରେ ବନ୍ୟା ପାଣି ପଶିଛି।

ଆଳି ତଟବନ୍ଧ ଡିଭିଜନ ଅଧୀନରେ ଥିବା ଚରପଡ଼ା-ବରୁଣାଡିହା ନଦୀବନ୍ଧ ରାସ୍ତାର କଣ୍ଡିଆହାଟ ନିକଟରେ ଖରସ୍ରୋତା ବନ୍ୟା ପାଣି ବଢ଼ି ଚାଲିଛି। ଏହି ବନ୍ୟା ପାଣି ଫୁଲି ବନ୍ଧରେ ଲିକ୍ ହୋଇ କଣ୍ଡିଆହାଟ ବନ୍ଧ ତଳେ ଥିବା ନିତ୍ୟାନନ୍ଦ ମଳିକଙ୍କ ଘର ନିକଟରେ ପାଣି ପ୍ରବେଶ କରି ତାଙ୍କର ଗୋଟିଏ ଚାଳ ଛପର ଘର ଭୁଶୁଡ଼ିବା ସହ ଗାଁରେ ପଶିଛି। ବାତ୍ୟାରେ ତାଙ୍କର ୮ଟି ଛେଳି ମରି ଯାଇଥିଲେ। ଏହି ବନ୍ୟା ପୂର୍ବରୁ ଦୁର୍ବଳ ହୋଇ ପଡିଥିବା ଚରପଡା ମରହଟ୍ଟା ବନ୍ଧର ଶୋଚନୀୟ ଅବସ୍ଥା ସୃଷ୍ଟି ହୋଇଛି। ବନ୍ୟା ପାଣି ଗାଁରେ ପଶିଥିଲେ ମଧ୍ୟ ଏଯାବତ୍ କଣ୍ଡିଆ କନିଷ୍ଠଯନ୍ତ୍ରୀ ଲିକ୍ ସ୍ଥାନରେ ବାଲିବସ୍ତା ପକାଇ ନାହାନ୍ତି। ଏ ନେଇ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଆଳି ତଟବନ୍ଧ ଡିଭିଜନର ନିର୍ବାହୀଯନ୍ତ୍ରୀ ଦିନେ ହେଲେ ଏହି ବନ୍ଧ ଦେଖିବାକୁ ଆସିନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଏହି ବନ୍ଧ ତଳେ ବାସ କରୁଥିବା ଲୋକମାନେ ଭୟଭୀତ ହୋଇ ପଡିଛନ୍ତି। କେତେବେଳେ କେଉଁଠି ନଦୀବନ୍ଧ ଭାଙ୍ଗିବ କହିବା କଷ୍ଟକର। ତେଣୁ ଗାଁ ଲୋକେ ଉଜାଗର ରହିବାକୁ ବାଧ୍ୟ ହେଉଛନ୍ତି। ରାଜକନିକା ବ୍ଲକର ଠାକୁରାଣୀ ପାଳରେ ବନ୍ୟାଜଳ ମାଡ଼ିଯାଇଛି। ଖରସ୍ରୋତାରେ ବନ୍ୟା ବଢ଼ିଲେ କଣ୍ଡିଆହାଟ ପ୍ରତି ବିପଦ ଦେଖାଦେଇଛି। ନଦୀବନ୍ଧ ଭାଙ୍ଗିଲେ କଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୈତରଣୀ ନଦୀକୁ ଭସାଇନେବ ବୋଲି ଲୋକେ କହୁଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଗୋୟା ନଦୀ ଆଁରେ ଫାଜିଲପୁର ଗାଁ: ପଥର ପ୍ୟାକିଂ ଦାବି

**ରାଜକନିକା, ୩୧।୫(ଡି.ଏନ.ଏ.)**

ରାଜକନିକା ବ୍ଲକ ଅଧୀନ ପଣସଗଣ୍ଡ ପଞ୍ଚାୟତର ଫାଜିଲପୁର ଗାଁ ଦେଇ ଯାଜପୁର ଜିଲାର ସୁନ୍ଦରୀ ମୁହଁ ଛକରୁ ବାହାରିଥିବା ଗୋୟା ନଦୀ ପଧାନପଡା ପଞ୍ଚାୟତର ବଡହଳପଡା ନିକଟରେ ମୁଆନାଳି କଲଭର୍ଟ ନିକଟରେ ପଡିଛି। ଏହାର କିଛିଦୂର ପରେ ରାଜକନିକା ବ୍ଲକର ବଟରପଡା ଦେଇ ବୈତରଣୀ ନଦୀର କନପୁରଠାରେ ମିଶିଛି। ହେଲେ ଗୋୟା ନଦୀ ଇତିମଧ୍ୟରେ ଫାଜିଲପୁର ବିଦ୍ୟାସାଗର ବିଦ୍ୟାଳୟର ଜମି ଆଁରେ ରହିଛି। ସେହିପରି ଫାଜିଲପୁର ମଳିକସାହି ବସ୍ତିର ଜମିକୁ ନଦୀ ଖାଉଛି। ଲୋକେ ବାଧ୍ୟ ହୋଇ ଘରଦ୍ୱାର ହରାଇ ଗାଁ ପଡିଆରେ ଘର କରି ବସବାସ କରୁଛନ୍ତି। ଅପରପକ୍ଷରେ ଗ୍ରାମର ବିଶ୍ୱନାଥ ମଳିକ, ଦାଶରଥି ମଳିକ, କପିଳ ମଳିକ, ରତ୍ନାକର ମଳିକ, ଦୁର୍ଯ୍ୟୋଧନ ମଳିକ, ଗୋବିନ୍ଦ ମଳିକ, ମହେଶ୍ୱର ମଳିକ, ନରେନ୍ଦ୍ର ମଳିକ, ବସନ୍ତ ମଳିକ, ବାସୁଦେବ ମଳିକ, ରବୀନ୍ଦ୍ର ମଳିକ ଓ ଶିବ ମଳିକ ପ୍ରମୁଖଙ୍କ ଘର ନଦୀ ଅତଡାରେ ଝୁଲୁଛି। କେତେବେଳେ କାହା ଘରକୁ ନଦୀ ଭସାଇ ନେବ କହି ହେବନାହିଁ। ବନ୍ୟା ହେଲେ ଲୋକେ ରାତିରେ ଉଜାଗର ରହୁଛନ୍ତି। ବହୁ ଜମିବାଡ଼ି ଇତିମଧ୍ୟରେ ନଦୀଗର୍ଭକୁ ଚାଲିଗଲାଣି। ନଦୀ ଯେପରି ଖାଉଛି, ଆଉ କିଛିଦିନ ପରେ ଏହି ନଦୀ କେତେବେଳେ ଗାଁକୁ ଗିଳିଦେବ କହିବା କଷ୍ଟକର ବୋଲି କନିକା ତହସିଲଦାରଙ୍କୁ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଏଠାରେ ପଥରପ୍ୟାକିଂ କରା ନ ଗଲେ ଆଗାମୀ ଦିନରେ ଏହି ଗାଁଟି ଭୂଗୋଳ ପୋଥିରୁ ଲିଭିଯିବ। ବୈତରଣୀର ବନ୍ୟା ପାଣି ପ୍ରବଳ ବେଗରେ ଚାଲିଛି। ତେଣୁ କନିକା ତହସିଲଦାର ଏହି ଗାଁ ଗସ୍ତରେ ଆସିଥିବା ବେଳେ ଯାଜପୁର ଜଳସମ୍ପଦ ଡିଭିଜନର ନିର୍ବାହୀଯନ୍ତ୍ରୀ ଧନେଶ୍ୱର ସାମଲଙ୍କ ସହ ଆଲୋଚନା କରିଥିଲେ। ସେ ସହକାରୀ ଯନ୍ତ୍ରୀଙ୍କୁ ପଠାଇ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ପଣସଗଣ୍ଡ ସରପଞ୍ଚ ଦେବଦତ୍ତ ଦାସ, ସମିତିସଭ୍ୟ ଅରୁଣ କୁମାର ଦାସ, ବିନୋଦ ବିହାରୀ ପାଣ୍ଡବ, ସୁକାନ୍ତ ପାଣ୍ଡବ ପ୍ରମୁଖ ଉପସ୍ଥିତ ଥିଲେ।

# ତହସିଲ କାର୍ଯ୍ୟାଳୟରେ ମହିଳାଙ୍କ ଧାରଣା

## ବାଟ ବନ୍ଦ, ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି

**ରାଜନଗର, ୩୧।୫(ଡି.ଏନ.ଏ.)**



ଧାରଣାରତ ମହିଳାମାନେ ତହସିଲଦାରଙ୍କୁ କାର୍ଯ୍ୟାଳୟକୁ ଛାଡୁନାହାନ୍ତି।

ରାଜନଗର ବ୍ଲକ ହେଡ କ୍ୱାର୍ଟର୍ସର ଦୁର୍ଗା ମଣ୍ଡପଠାରୁ କଚେରି ପୋଖରୀ ଯାଏଁ ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି ଜମି ରହିଛି। ପାଣି ନିଷ୍କାସନ ବାଟ ଜବରଦଖଲ ଯୋଗୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ବର୍ଷେ ହେଲା ଏପରି ଅଚଳାବସ୍ଥା ସୃଷ୍ଟି ହୋଇଛି। ବାତ୍ୟାଠାରୁ ଆଜି ଯାଏଁ ଗାଁ ଦାଣ୍ଡରେ ପାଣି ଜମି ରହିଛି। ଲୋକେ ଯାଆଆସ କରି ପାରୁନାହାନ୍ତି। ଏପରି କି ନଳକୂପ ଚାରି ପଟେ ନର୍ଦ୍ଦମା ପାଣି ଜମି ରହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋମବାର ୫୦ରୁ ଊର୍ଦ୍ଧ୍ୱ ମହିଳା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ତହସିଲଦାର ଭୋଳାନାଥ ସେଠୀ ସେଠାରେ ପହଞ୍ଚିବା ପରେ ତାଙ୍କୁ ଅଫିସ ଭିତରକୁ ଛାଡି ନ ଥିଲେ। ପ୍ରଥମେ ସମସ୍ୟା ସମାଧାନ କର, ପରେ ଉଠିବୁ ବୋଲି କହିଥିଲେ। ତହସିଲଦାର ଘଟଣାସ୍ଥଳକୁ ଯାଇ ଦେଖି ଆସିବା ପରେ ୮ଦିନ ଭିତରେ ଜବରଦଖଲ ହଟାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ମହିଳାମାନେ ଧାରଣାର ଉଠି ଥିଲେ। ସୂଚନାଯୋଗ୍ୟ, ସ୍ଥାନୀୟ ମହିଳାମାନେ ଏ ନେଇ ପୂର୍ବରୁ ବାରମ୍ବାର ତହସିଲଦାରଙ୍କୁ ଜଣାଇ ଆସିଛନ୍ତି। ଏପରି କି ଆଦର୍ଶ ଗ୍ରାମ ଯୋଜନାରେ ଡ୍ରେନ ତିଆରି ପାଇଁ ଅର୍ଥ ଥିଲେ ମଧ୍ୟ ଜବରଦଖଲ ଯୋଗୁ ଡ୍ରେନ ନିର୍ମାଣ ହୋଇପାରୁନାହିଁ। ବାରମ୍ବାର ଭେଟିବା ପରେ ତହସିଲଦାର କୌଣସି ପଦକ୍ଷେପ ନେଉ ନ ଥିବାରୁ ସ୍ଥାନୀୟ ମହିଳା ଧାରଣା ଦେଇଥିଲେ ବୋଲି କହିଛନ୍ତି।

# ଓରଗଳାର କୋହ୍ଲା ସାହିକୁ ମାଇକ୍ରୋ କଣ୍ଟେନମେଣ୍ଟ



କଣ୍ଟେନମେଣ୍ଟ ଜୋନକୁ ପ୍ରଶାସନ ପକ୍ଷରୁ ବାଉଁଶ ବାଡ ପକାଯାଉଛି।

**ଡେରାବିଶ ୩୧।୫(ସ୍ୱ.ପ୍ର.)**

## ଡେରାବିଶରେ ମାସକରେ ୫୬୭ ଆକ୍ରାନ୍ତ ଚିହ୍ନଟ

କରୋନା ଡେରାବିଶ ବ୍ଲକ ଅଞ୍ଚଳରେ ଉଗ୍ରରୂପ ଧରିବାରେ ଲାଗିଛି। ଚଳିତ ମାସର ଶେଷ ସୁଦ୍ଧା ସମୁଦାୟ ୫୬୭ ଜଣ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଚାନ୍ଦୋଳ ପଞ୍ଚାୟତ ଓରଗଳା ଗାଁର ୩ ନଂ. ୱାର୍ଡ କୋହ୍ଲା ସାହିରେ ସୋମବାର ୩ଟି ପରିବାରର ୬ ଜଣ କରୋନାରେ ଆକ୍ରାନ୍ତ ହେବା ନେଇ ପରୀକ୍ଷାରୁ ଜଣାପଡିଥିଲା। ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସନ୍ଧ୍ୟା ୫ଟାରୁ ୭ ଦିନ ପାଇଁ ୩ଟି ପରିବାରକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ କରାଯାଇଥିବା ସରପଞ୍ଚ ଅନୁପମା ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ବିଡିଓ ଗୋପବନ୍ଧୁ ଭୋସାଗର, ଏବିଡିଓ ଭଞ୍ଜ କିଶୋର ନାୟକ, ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତି, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରାଙ୍କ ଉପସ୍ଥିତିରେ ମାଇକ୍ରୋ କଣ୍ଟେନ୍‌ମେଣ୍ଟ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଓରଗଳାରେ ଗୋଟିଏ ପରିବାରରୁ ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ୪୨ ବର୍ଷୀୟ ଯୁବକଙ୍କର ମୃତ୍ୟୁ ହୋଇଥିଲା। ତେବେ ପୁନର୍ବାର ସେହି ଗାଁରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ସାଧାରଣରେ ଆତଙ୍କ ଦେଖାଦେଇଛି। ପଞ୍ଚାୟତର ୯ନଂ. ୱାର୍ଡ ଭଣଗାଁରେ ୨୮ ତାରିଖରେ ୩୨ ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ଏହି ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

# ଘେରିବନ୍ଧର ସ୍ଥାୟିତ୍ୱକୁ ନେଇ ଚିନ୍ତା

**ମହାକାଳପଡ଼ା, ୩୧।୫(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ବାହାକୁଦ ଗାଁର କିଛି ଅଂଶ ମହାନଦୀ ଗର୍ଭରେ ଲୀନ ହୋଇସାରିଛି। ବାରମ୍ବାର ବାତ୍ୟା ଏହି ଗାଁର ଚିତ୍ର ବଦଳାଇ ଦେଇଛି। ୟାସ୍‌ର ପ୍ରଭାବ ବି ଏହି ଗାଁ ଉପରେ ପଡ଼ିଛି। ଗାଁର ବହୁ ଚାଳଛପର ଘର, ନଡ଼ିଆ ସମେତ ଅନେକ ବଡ଼ ବଡ଼ ଗଛ ମହାନଦୀ ଗର୍ଭରେ ଲିନ ହୋଇଛି।



ବାହାକୁଦ ଗାଁର ଉତ୍ତର-ପୂର୍ବରେ ନିର୍ମିତ ନୂଆ ପଥରବନ୍ଧ।

ଗାଁର ବହୁ ପୁରୁଖା ଲୋକଙ୍କ କହିବା କଥା, କିଛି ବର୍ଷ ହେବ ସାମୁଦ୍ରିକ ଝଡ଼ ତୋଫାନ ଯୋଗୁ ମହାନଦୀ କୂଳ ଲଘୁଛି। ବହୁଅଭିଯୋଗ ପରେ ସରକାରଙ୍କ ତରଫରୁ ଏକ ମାଟି ପଥର ବନ୍ଧ ନିର୍ମାଣ ହୋଇଛି। ପୂର୍ବରୁ ଗାଁ ସୁରକ୍ଷା ପାଇଁ ଦୁଇଟି ପଥରବନ୍ଧ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ତେବେ ଗାଁର ଉତ୍ତର-ପୂର୍ବ ଦିଗରେ ଆଉ ଏକ ମାଟି ଓ ପଥରବନ୍ଧ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ୟାସ୍ ବାତ୍ୟାରେ ଏହି ବନ୍ଧର କିଛି ସ୍ଥାନରେ ମାଟି ଧୋଇ ହୋଇଯାଇଛି। ମାଟି ବନ୍ଧରେ ଛୋଟଛୋଟ ପଥର ପ୍ୟାକିଂ ଯୋଗୁ ଆଗାମୀ ଦିନରେ ଉକ୍ତ ବନ୍ଧର ସ୍ଥାୟିତ୍ୱକୁ ନେଇ ବୁଦ୍ଧିଜୀବୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଏହି ବନ୍ଧକୁ ଉଚ୍ଚ କରିବା ଓ ସେଥିରେ ବଡ଼ପଥର ବ୍ୟବହାର କରିବା ପାଇଁ ଦାବି ହୋଇଛି। ବନ୍ଧକୁ ଭଲ ଭାବେ ନିର୍ମାଣ କରାଗଲେ ବାହାକୁଦ ଗାଁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇପାରିବ ବୋଲି ଅଞ୍ଚଳର ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଗାଁର ଫେରିଘାଟ ଦେଇ ପାରାଦୀପ ଶିଳ୍ପାଞ୍ଚଳକୁ ଦୈନିକ ଶତାଧିକ ଶ୍ରମିକ ଯାତାୟାତ କରିଥାନ୍ତି। ନୂଆବନ୍ଧ ନିର୍ମାଣ ହେଲେ ଏପରି ଗାଁ ମହାନଦୀ ମୁହଁରୁ ରକ୍ଷା ପାଇପାରିବ। ଯୁଦ୍ଧକାଳୀନ ଭିତ୍ତିରେ ବନ୍ଧର ନିର୍ମାଣ କାର୍ଯ୍ୟ ଶେଷ କରିବା ଲାଗି ରାମନଗର ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ବିକାଶ ଚନ୍ଦ୍ର ଦେବନାଥ ଦାବି କହିଛନ୍ତି। ପଥରବନ୍ଧ ନିର୍ମାଣ ହେଲେ ଆମ ଗାଁ ରକ୍ଷା ପାଇବ ବୋଲି ଦେବନାଥ କହିଛନ୍ତି।

# ଗୋବରୀ ନଦୀ ପୁନରୁଦ୍ଧାର କାର୍ଯ୍ୟ ନିମ୍ନମାନର

**ନାଉଗାଁ,୩୧।୫(ସ୍ୱ.ପ୍ର.)**

- ୧ଫୁଟ୍ ବଦଳରେ ୧୦ରୁ ୨୦ ମିଟର ଖୋଳାଯାଉଥିବା ଅଭିଯୋଗ
- ମାଟି ନ ଖୋଳି ନଦୀର ଦୁଇ ପାର୍ଶ୍ୱର ଘାସ ସଫା କରାଯାଇଛି

ନାଉଗାଁ ବ୍ଲକ ଦେଇ ପ୍ରବାହିତ ଗୋବରୀ ନଦୀର ପୁନରୁଦ୍ଧାର କାର୍ଯ୍ୟ ଠିକ୍ ଭାବେ ହେଉନାହିଁ। ନଦୀ ଖନନରେ ଅନିୟମିତତା ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଅପରପକ୍ଷେ ପୁନରୁଦ୍ଧାର ଦାୟିତ୍ୱରେ ଥିବା ଯନ୍ତ୍ରୀ ବାରମ୍ବାର ମତ ବଦଳାଉଥିବାରୁ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋବରୀ ନଦୀର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଜଳ ନିକାଶ ବିଭାଜନ ଜଗତ୍‌ସିଂହପୁର ଅଧୀନରେ ରହିଛି।

ଏହି ନଦୀ ମାଧ୍ୟମରେ ନାଉଗାଁ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷ ଜମିରୁ ବର୍ଷାଦିନେ ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇଥାଏ। ମରୁଡି ସମୟରେ ନଦୀରେ ଥିବା ସ୍ଲୁଇଚ୍ ଗେଟକୁ ବ୍ୟବହାର କରି ଚାଷୀମାନେ ଧାନ ଜମିକୁ ପାଣି ମଡ଼ାଇଥାନ୍ତି। ମାତ୍ର ନଦୀ ପୋତି ହୋଇଯିବା ସହ ଆବର୍ଜନାରେ ପରିପୂର୍ଣ୍ଣ ହୋଇଯିବାରୁ ପାଣି ନିଷ୍କାସନ ଠିକ୍‌ଭାବେ ହୋଇ ପାରୁ ନ ଥିଲା। ଏନେଇ ବିଭାଗ ପକ୍ଷରୁ ଗତ ମାର୍ଚ୍ଚରୁ ନଦୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ୨ ଜଣ ଠିକାଦାରଙ୍କୁ ନିର୍ଦ୍ଦେଶନାମା ଦିଆଯାଇଛି। ଗାରୋଇଠାରୁ ଚାନ୍ଦଖାଁପାଟଣା ପର୍ଯ୍ୟନ୍ତ ଜଣେ ଓ ଚାନ୍ଦଖାଁପାଟଣାରୁ ତୁମ୍ବା ଅଣ୍ଡେଇସାହି ପର୍ଯ୍ୟନ୍ତ ଅନ୍ୟ ଜଣେ ଠିକାଦାରଙ୍କୁ ନିର୍ଦ୍ଦେଶନାମା ଦିଆଯାଇଛି। ଏବେ ଗାରୋଇ ଠାରୁ ଚାନ୍ଦଖାଁପାଟଣା ଦେଇ ପ୍ରବାହିତ ଗୋବରୀ ନଦୀରେ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଏହାର ଅଟକଳ ମୂଲ୍ୟ ୨ କୋଟି ୨୫ ଲକ୍ଷ ୭୦ ହଜାର ୪୪୭ ଟଙ୍କା ରହିଛି। ମାତ୍ର ପୁନରୁଦ୍ଧାର କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଜଳ ନିଷ୍କାସନକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଠିକାଦାରଙ୍କୁ ମିଳିଥିବା ନିର୍ଦ୍ଦେଶନାମା ଅନୁସାରେ ନଦୀକୁ ଏକ ଫୁଟ ଗଭୀର ପର୍ଯ୍ୟନ୍ତ ଖୋଳାଯିବା କଥା। ଏହା କରା ନ ଯାଇ ମାତ୍ର ୧୦ ରୁ ୨୦ ମିଟର ମଧ୍ୟରେ ଖୋଳାଯାଇଛି। ସେହିପରି ନଦୀର ୨ ପାର୍ଶ୍ୱରେ ମାଟି ପକାଯାଇ ରୋଲିଂ କରିବାକୁ ନିର୍ଦ୍ଦେଶନାମାରେ ରହିଛି। ଏହାକୁ ମଧ୍ୟ ଉଲ୍ଲଂଘନ କରାଯାଉଛି ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ ନଦୀର ଦୁଇ ପାର୍ଶ୍ୱରେ ମାଟି ଜମା ହୋଇ ରହିଥିବାରୁ ବର୍ଷା ହେଲେ ଏହା ଧସେଇ ହୋଇ ନଦୀରେ ପଶିଯାଉଛି।

ଏସମ୍ପର୍କରେ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀ ସୂର୍ଯ୍ୟକାନ୍ତ ଦୀକ୍ଷିତ୍ କହିଛନ୍ତି, ନଦୀକୁ ଏକ ଫୁଟ ପର୍ଯ୍ୟନ୍ତ ଖୋଳା ଯାଇଛି କି ନାହିଁ ତାହା ମାପ କରାଯିବ। କମ୍ ଖୋଳାଯାଇଥିଲେ ପୁନର୍ବାର ଖନନ କାର୍ଯ୍ୟ କରିବାକୁ ଠିକାଦାରଙ୍କୁ କୁହାଯିବ। ମାତ୍ର ବର୍ଷା ହେବା ପରେ ସେ ନିଜର ମତ ବଦଳେଇ ଦେଇଛନ୍ତି। ଏବେ ସେ ମାପ କରାଯିବା କଥା ଉଠାଉ ନ ଥିବା ବେଳେ ଖନନ କାର୍ଯ୍ୟ ଠିକ୍ ହୋଇଛି ବୋଲି କହୁଛନ୍ତି। ଯନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ଚାଷୀ କୈଳାସ ପରିଡା, ଅକ୍ଷୟ ସ୍ୱାଇଁ, କେଦାର ଲେଙ୍କା, ବଂଶୀଧର ରାଉତ, ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ ପ୍ରମୁଖ ବିରୋଧ କରିଛନ୍ତି। ସେମାନେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି।

## ୪ ବ୍ରାଉନସୁଗାର ବ୍ୟବସାୟୀ ଗିରଫ

**ନୟାଗଡ଼ ଅଫିସ:** ନୟାଗଡ଼ ଜିଲା ଚାନ୍ଦପୁର ଥାନା ପୋଲିସ ରାଇପଡା ଅଞ୍ଚଳରେ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୪ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୭ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଗିରଫ ବ୍ରାଉନସୁଗାର ବ୍ୟବସାୟୀ ଖୋର୍ଦ୍ଧା ଆଦର୍ଶ ଥାନା ବାସେଲୀ ସାହିର କହ୍ନେଇ ଘଡୁଆଳ, କଟକ ଜିଲା ବାଙ୍କୀ ଥାନା ନୂଆଗାଁର କୃଷ୍ଣ ଧଳ ଓ ସ୍ତ୍ରୀ ପ୍ରଭାତୀ, ଦେଉଳି ନୂଆସାହିର ସୁମନ୍ତ ନାୟକଙ୍କର ଜାମିନ ନାମଞ୍ଜୁର ପରେ ରଣପୁର ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏମାନଙ୍କଠାରୁ ବ୍ରାଉନସୁଗାର ଜବତ ପରେ ପୋଲିସ ନଂ. ୭୮/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



## ସଂକ୍ଷେପରେ

### ନିଆଁରେ ପୋଡ଼ିହୋଇ କରୋନା ଯୋଦ୍ଧା ମୃତ

**ନୟାଗଡ଼ ଅଫିସ,୩୧।୫:** ନିଆଁରେ ପୋଡି ହୋଇ ଜଣେ କରୋନା ଯୋଦ୍ଧା ପ୍ରାଣ ହରାଇଛନ୍ତି। ମୃତକ ହେଲେ ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ ବଡ ଗଉଡସାହିର ସୁନୀତା ନାୟକ(୨୫)। ଶାଶୁ ଘର ପକ୍ଷରୁ ସୂଚନା ଅନୁସାରେ, ରୋଷେଇ କରୁଥିବାବେଳେ ରବିବାର ଅପରାହ୍ନରେ ସୁନୀତାଙ୍କ ଶରୀରର ପ୍ରାୟ ୯୦ ପ୍ରତିଶତ ପୋଡି ଯାଇଥିଲା। ସେ ଭୁବନେଶ୍ୱରର ଏକ ଘରୋଇ ନର୍ସିଂ ହୋମରେ ଚିକିତ୍ସିତ ହେଉଥିଲେ। ରବିବାର ବିଳମ୍ବିତ ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁନୀତା ବଡ ଗଉଡସାହିର ମିନି ଅଙ୍ଗନୱାଡି କର୍ମୀ ଭାବେ କାମ କରୁଥିଲେ। ଗାଁଶ୍ମଶାନରେ ମୃତଦେହ ସୋମବାର ସଂସ୍କାର କରାଯାଇଛି।

### ପୂର୍ବତନ ବିଧାୟକଙ୍କ ଗାଡ଼ି ଭଙ୍ଗାରୁଜା

**ଖଣ୍ଡପଡା,୩୧।୫(ସ୍ୱ.ପ୍ର):** ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ବାଲେଶ୍ୱର ଜିଲାର ବସ୍ତା ବ୍ଲକ ଅଧୀନ ହଳଦୀପଦା ଗ୍ରାମ ବାତ୍ୟାଞ୍ଚଳକୁ ପରିଦର୍ଶନରେ ଯାଇଥିବା ବେଳେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି କେତେଜଣ ବ୍ୟକ୍ତି ତାଙ୍କ ଗାଡିକୁ ଭଙ୍ଗାରୁଜା କରିବା ସହ ଗାଡି ଚାଳକକୁ ଗାଳିଗୁଲଜ କରିଥିଲେ। ଏହି ଘଟଣାକୁ ନେଇ ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପଟ୍ଟନାୟକଙ୍କ ସମର୍ଥକ ଓ ଶୁଭେଚ୍ଛୁମାନେ ଏହି ଘଟଣାର ତୀବ୍ର ନିନ୍ଦା କରିବା ସହ ଉପରୋକ୍ତ ଘଟଣାରେ ବସ୍ତା ଥାନା ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି।

### ରୁଦ୍ରମାଧବ ରାୟଙ୍କ ୫ମ ଶ୍ରାଦ୍ଧଦିବସ

**ଦଶପଲ୍ଲା, ୩୧।୫( ଡି.ଏନ.ଏ.)** ଦଶପଲ୍ଲାର ପୂର୍ବତନ ବିଧାୟକ ସ୍ୱର୍ଗତ ରୁଦ୍ର ମାଧବ ରାୟଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ନିରାଡ଼ମ୍ବର ଭାବେ ସ୍ଥାନୀୟ କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅତିଥିମାନେ ମହାବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତା କୃଷ୍ଣପ୍ରିୟା ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରୁଦ୍ରମାଧବଙ୍କ ସମ୍ପର୍କରେ ବିଭିନ୍ନ ଆଲୋଚନା କରାଯାଇଥିଲା। ରୁଦ୍ରବାବୁଙ୍କ ରାଜନୈତିକ କ୍ଷେତ୍ରରେ ଅବଦାନ ଥିଲା ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ମହାବିଦ୍ୟାଳୟ ଅଧ୍ୟକ୍ଷା ପୂର୍ଣ୍ଣମାସୀ ଦେବୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ୩୨୦୦ ଲିଟର ପୋଚ ନଷ୍ଟ କଲା ଅବକାରୀ ବିଭାଗ

**ନୟାଗଡ ଅଫିସ,୩୧।୫:** ଖଣ୍ଡପଡ଼ା ଅବକାରୀ ବିଭାଗ କର୍ମଚାରୀମାନେ ସୋମବାର ଭାପୁର ଓ ଖଣ୍ଡପଡା ଅଞ୍ଚଳରେ ଚଢ଼ାଉ କରିଥିଲେ। ଖଣ୍ଡପଡା ଥାନା ଗୋଳାପୋଖରୀ ଜଙ୍ଗଲ ଉପରେ ଚଢ଼ାଉ କରି ଏକ ଦେଶୀମଦ ଭାଟି ଠାବ କରିଥିଲେ। ଏଠାରୁ ୩୨୦୦ ଲିଟର ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ୩୫ ଲିଟର ଦେଶୀମଦ ଜବତ ହୋଇଛି। ତେବେ ଅବକାରୀ ବିଭାଗ କର୍ମଚାରୀଙ୍କୁ ଦେଖି ଦେଶୀ ମଦଭାଟି ପ୍ରସ୍ତୁତକାରୀ ଫେରାର ହୋଇ ଯାଇଥିଲେ। ଅନ୍ୟପକ୍ଷେ ଭାପୁର ବ୍ଲକ କରବର ଗାଁର ଭାବେନି ଦଳେଇଙ୍କ ଘର ଉପରେ କର୍ମଚାରୀମାନେ ଚଢ଼ାଉ କରି ୭୦ ପାଉଚ ଦେଶୀମଦ ଜବତ କରିଥିଲେ। ସେହିପରି ଫତେଗଡ଼ କିଶୋର ମହାପାତ୍ରଙ୍କ ଘରୁ ୮୦ ପାଉଚ ଦେଶୀମଦ ଜବତ କରିଥିଲେ। ଭାବେନି ଓ କିଶୋରଙ୍କୁ ଗିରଫ କରାଯାଇଥିବା ଖଣ୍ଡପଡା ଅବକାରୀ ଇନ୍ସପେକ୍ଟର ଧନଞ୍ଜୟ ପାତ୍ର ସୂଚନା ଦେଇଛନ୍ତି।

# ଲୋକଙ୍କୁ ମିଳୁନି କାମ, ଜେସିବି ଖୋଳୁଛି ପୋଖରୀ

**ନୟାଗଡ଼ ଅଫିସ,୩୧।୫:**

ନୟାଗଡ଼ ଜିଲା ରଣପୁର ବ୍ଲକ ଦର୍ପନାରାୟଣପୁର ପଞ୍ଚାୟତ ଅଧୀନ କାକଲମାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ୩ ପୋଖରୀର ଖନନ ହୋଇଛି। ନୂଆ ପୋଖରୀର କାମ ଶେଷ ପର୍ଯ୍ୟାୟରେ। ବାଟ ପୋଖରୀ ଓ ମହାଦେବଙ୍କ ପୋଖରୀ କାମ ଆରମ୍ଭ ହୋଇଛି। ତେବେ ଏଠାରେ ଜବ୍‌କାର୍ଡଧାରୀଙ୍କୁ କାମ ନ ଦେଇ ଜେସିବି ସାହାଯ୍ୟରେ ରାତିରେ ପୋଖରୀ ଖନନ ଚାଲିଥିବା ଅଭିଯୋଗ ହୋଇଛି। ତରବରିଆ ଭାବେ ପୋଖରୀକୁ ଜେସିବିରେ ଖୋଳି ଟ୍ରାକ୍ଟର ଯୋଗେ ମାଟି ଅନ୍ୟତ୍ର ପକାଯାଇଛି। ୩ଟି ଯାକ ପୋଖରୀରେ ପ୍ରାୟ ୨ରୁ ୩ ଲକ୍ଷ ଟଙ୍କାର କାମ କରି ୧୫ ଲକ୍ଷ ଟଙ୍କା ତୋସରପାତ କରାଯିବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ପୋଖରୀ ଜେସିବିରେ ଖୋଳିବା ନେଇ ଗାଁ ଲୋକେ ବିଡିଓ, ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍, ପିଡି ଡିଆରଡିଏ, ଜିଲାପାଳଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ପାଇ ନ ଥିବା ଅଭିଯୋଗ କରିଛନ୍ତି।



ପୋଖରୀ ଖନନ କାର୍ଯ୍ୟରେ ଜେସିବି ଓ ଟ୍ରାକ୍ଟର ବ୍ୟବହାର କରାଯାଉଛି।



କାମ ନ ପାଇଁ ଜବକାର୍ଡଧାରୀ ନିଜ କାର୍ଡ ଦେଖାଉଛନ୍ତି।

## କାମ ମାଗୁଛନ୍ତି ଜବ୍‌କାର୍ଡଧାରୀ

- ୧୫ ଲକ୍ଷ ଅନୁଦାନ ଆତ୍ମସାତ୍ ଉଦ୍ୟମ
- ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୁନ୍

### ରୋଜଗାର ନାହିଁ, ଚଳିବୁ କେମିତି

କାକଲମା ଗାଁର ଛବୀନ୍ଦ୍ର ପ୍ରଧାନ କୁହନ୍ତି, କରୋନା ସମୟରେ ରୋଜଗାର ବନ୍ଦ। ଲୋକ କାମ ପାଉନାହାନ୍ତି। ଏପରିକି ଘରେ ଖାଇବାକୁ ନାହିଁ। ଏହି ସମୟରେ ଗାଁରେ ୩ଟି ପୋଖରୀ କାମ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଜବ୍‌କାର୍ଡଧାରୀଙ୍କୁ କାମ ନ ଦେଇ ଜେସିବି ଦ୍ୱାରା ପୋଖରୀ ଖୋଳାଇବା କ'ଣ ଠିକ୍। ଯଦି ଜେସିବି ପୋଖରୀ ଖୋଳିବ, ଜବ୍‌କାର୍ଡଧାରୀ କାମ କେମିତି କରିବେ। ଗାଁର ଲୋକମାନେ ଆଦିବାସୀ ଓ ଦଳିତ ଶ୍ରେଣୀର ହୋଇଥିବାରୁ କିଛି ଜାଣୁନାହାନ୍ତି। କେତେଜଣ ଲୋକ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଜେସିବି ଦ୍ୱାରା ପୋଖରୀ ଖୋଳି ଟଙ୍କା ରୋଜଗାର କରିବାକୁ ଲାଗି ପଡିଛନ୍ତି। ଯୁଧିଷ୍ଠିର ପ୍ରଧାନ କୁହନ୍ତି, ଗାଁରେ ପୋଖରୀ କାମ କରିବାକୁ ଆମେ ଜିଆରଏସ୍‌ଙ୍କୁ ଜଣାଇଲୁ। ସେ ହଁ କରି ଆମ ଗାଁର କେତେଜଣ ଲୋକଙ୍କୁ ଧରି ରାତି ଅଧରେ ପୋଖରୀ ଖୋଳୁଛନ୍ତି। କରୋନା ସମୟରେ ଜବ୍‌କାର୍ଡଧାରୀଙ୍କୁ ମଧ୍ୟ କାମ ଦିଆଯାଉନି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଯଦି ଲୋକ କାମ ପାଇବେ ନାହିଁ, ସରକାର ଏପରି ଯୋଜନା କରି ଲାଭ କ'ଣ। ଆମେ କିପରି ଚଳିବୁ, କ'ଣ ଖାଇବୁ ଏବେ ସେହି ଚିନ୍ତା ଘାରୁଛି। ଅଭିଯୋଗ କରି ସୁଫଳ ନ ପାଇବାରୁ ଶେଷରେ ବାଧ୍ୟ ହୋଇ ଆନ୍ଦୋଳନ କରିବୁ ବୋଲି ନିଷ୍ପତ୍ତି ନେଇଛୁ।

### ଜବ୍‌କାର୍ଡଧାରୀଙ୍କ ନାଁରେ ବିଲ୍ ପାଇଁ ଉଦ୍ୟମ

କାଳି ନାୟକ କୁହନ୍ତି, ଗାଁରେ ୩ଟି ପୋଖରୀ ହେଲା, ହେଲେ ଜବ୍‌କାର୍ଡଧାରୀଙ୍କୁ କାମ ମିଳିଲାନି। ଲୋକଙ୍କୁ କାମ ନ ଦେଇ କେତେଜଣ ଜବ୍‌କାର୍ଡଧାରୀଙ୍କ ନାଁରେ ଟଙ୍କା ଉଠାଇବାକୁ ଚେଷ୍ଟା ଆରମ୍ଭ ହୋଇଛି। ଆମ ଗାଁରେ ଭଣ୍ଡାରୀଖାଲଠାରୁ ବେରୁଣ୍ଡି ଦଣ୍ଡା କାମ ହୋଇଥିଲା। ୭ ଲକ୍ଷ ଟଙ୍କାର କାମକୁ କେତେଜଣ ଜବ୍‌କାର୍ଡଧାରୀ କରିଥିଲେ। ଯେଉଁ ଜବ୍‌କାର୍ଡଧାରୀ ଏହି କାମ କରିଥିଲେ, ସେମାନଙ୍କ ନାଁରେ ପୋଖରୀ କାର୍ଯ୍ୟ କରିଥିବା ଦର୍ଶାଇ ଖନନ ଟଙ୍କା ତୋସରପାତ କରିବାକୁ ଉଦ୍ୟମ ହେଉଛି। କାରଣ ଦଣ୍ଡାକାମ କରୁଥିବା ଲୋକଙ୍କ ଜବ୍‌କାର୍ଡକୁ ଏଯାବତ୍ ଫେରାଯାଇନାହିଁ। ଗାଁ ଲୋକ ସବୁ ଦେଖୁଛନ୍ତି। ପ୍ରଶାସନିକ ଅଧିକାରୀ ଚୁପ୍ ହୋଇ ରହିଗଲେ ବୋଲି ଗାଁ ଲୋକ ଚୁପ୍ ରହିବେନି। ଆଗକୁ ଗାଁ ଲୋକ ଆନ୍ଦୋଳନ କରିବେ ବୋଲି ସେ କହିଛନ୍ତି। ଗ୍ରାମ ରୋଜଗାର ସେବକ (ଜିଆରଏସ୍) ଆଲୋକ ବରାଡଙ୍କୁ ପଚାରିବାରେ ୩ଟି ପୋଖରୀ କାର୍ଯ୍ୟ ଠିକ୍‌ଠାକ୍ ଚାଲିଛି। କାମ ମେଶିନ ନୁହେଁ, ଜବ୍‌କାର୍ଡଧାରୀମାନେ କରୁଛନ୍ତି ବୋଲି ସେ କହିଛନ୍ତି।

### ଗ୍ରୀନ୍ ସିଗ୍‌ନାଲରେ ଚାଲିଛି କାମ

କାକଲମା ଗାଁରେ ୩ଟି ପୋଖରୀ ଖନନ ହେଉଛି। ହେଲେ କୌଣସି ଗୋଟିଏ କାର୍ଯ୍ୟର ନାମଫଳକ ନାହିଁ। କେଉଁ ପୋଖରୀ ପାଇଁ କେତେ ଟଙ୍କା ମଞ୍ଜୁର ହୋଇଛି, ସେ ନେଇ ମଧ୍ୟ ସୂଚନା ନାହିଁ। ପ୍ରଶ୍ନ ଉଠୁଛି, ବିନା ସୂଚନାଫଳକରେ ଓ ମେଶିନ ଦ୍ୱାରା ଯଦି ଏମ୍‌ଜିଏନ୍‌ଆରଇଜିଏସ୍ କାମ ହେବ, ତେବେ ଜବ୍‌କାର୍ଡଧାରୀଙ୍କ ନାଁକୁ କାହିଁକି ସାମିଲ କରାଯାଉଛି। ଲୋକେ ଅଭିଯୋଗ କଲେ ଯଦି ଅଣଦେଖା କରାଯିବ, ତେବେ ଏହା ପଛରେ ପ୍ରଶାସନିକ ଅଧିକାରୀଙ୍କ ଗ୍ରୀନ ସିଗ୍‌ନାଲ ରହୁନି କି। ଏପରିକି ଅଭିଯୋଗ ଆଗକୁ ବଢ଼ାଅ ନାହିଁ ବୋଲି କେତେଜଣ ଅଫିସର କହୁଥିବା ଗାଁର ବହୁ ଜବ୍‌କାର୍ଡଧାରୀ ନାଁ ଗୋପନ ରଖି କହିଛନ୍ତି।

## କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା



ହତ୍ୟା ଅଭିଯୋଗ ଆଣି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ।

- ଅର୍ଥ ଲଗାଣକାରୀ ସଂସ୍ଥା ଅଫିସରୁ ମୃତଦେହ ଜବତ
- ହତ୍ୟା ଅଭିଯୋଗ ଆଣି ରାସ୍ତାରୋକୋ

**ନୟାଗଡ଼ ଅଫିସ,୩୧।୫:**

ସ୍ଥାନୀୟ ଘଡୁଆଳ ଛକରେ ଥିବା ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କାର୍ଯ୍ୟାଳୟରୁ ରିକୋଭରୀ କର୍ମଚାରୀ ତଥା ରାତି ଜଗୁଆଳି ବିଜୟ ନାୟକ(୪୫)ଙ୍କ ମୃତଦେହ ମିଳିବା ପରେ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ନୟାଗଡ଼ ସଦର ଥାନା ଅଧୀନ କଇଥଗାଡିଆର ବିଜୟ ଗ୍ରାମ୍ୟ କମିଟି ସଭାପତି ଥିଲେ। ତେବେ କେଉଁକାରଣରୁ ତାଙ୍କ ମୃତ୍ୟୁ ଘଟିଲା ସେ ନେଇ ବିବାଦ ଆରମ୍ଭ ହୋଇଛି। ପରିବାର ଲୋକେ ଓ ଗ୍ରାମବାସୀ ଏହାକୁ ହତ୍ୟାକାଣ୍ଡ ଦର୍ଶାଇ ଅର୍ଥ ଲଗାଣକାରୀ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦୁ ସିଂ ଓ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଫଳରେ ପୂର୍ବାହ୍ନ ସାଢ଼େ ୮ଟାରେ ଆରମ୍ଭ ହୋଇଥିବା ରାସ୍ତାରୋକୋ ଅପରାହ୍ନ ୧ଟାରେ ପ୍ରତ୍ୟାହୃତ ହୋଇଥିଲା। ସାଇଣ୍ଟିଫିକ ଟିମ୍ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ମୃତକଙ୍କ ସ୍ତ୍ରୀ ସୁଲୋଚନା ନାୟକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୦୯/୨୧)ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁସାରେ, ସୋମବାର ପୂର୍ବାହ୍ନରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ପକ୍ଷରୁ ଅଭିଯୋଗ କରାଯାଇଥିଲା ବିଜୟ କାର୍ଯ୍ୟାଳୟ ପରିସରରେ ଆତ୍ମହତ୍ୟା କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିବା ବେଳକୁ ମୃତକଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣି ରାସ୍ତାରୋକୋ କରିଥିଲେ। ପୋଲିସ ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ ପାଇଛି। ଏଥିରେ ବିଜୟ ଧାର କରଜ କରିଥିଲେ। ତାଙ୍କଠାରୁ କେତେଜଣ ବ୍ୟକ୍ତି ଟଙ୍କା ମଧ୍ୟ ଧାର ନେଇଥିଲେ। ପୋଲିସ ସୁଇସାଇଡ୍ ନୋଟକୁ ଜବତ କରି ତଦନ୍ତ କରୁଛି। ମୃତଦେହ ଯେଉଁ ଘରୁ ଜବତ ହୋଇଛି ଭିତର ପଟୁ ତାହା ବନ୍ଦ ଥିଲା। ଏଭଳି ସ୍ଥଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବାକୁ ଅପେକ୍ଷା କରାଯାଇଛି। ଏହସହ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରାଯାଉଛି ବୋଲି ଆଇଆଇସି ମହାନ୍ତି କହିଛନ୍ତି।

## ୪ ସାହିକୁ ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା

**ଓଡ଼ଗାଁ, ୩୧।୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ୩ ପଞ୍ଚାୟତ ୪ ସାହିର ସ୍ଥାନୀୟ ତହସିଲଦାର ବିଜୟିତା ସାମନ୍ତସିଂହାର ମାଇକ୍ରୋ କଣ୍ଟେନମେଣ୍ଟ ସୋମବାର ଘୋଷଣା କରିଛନ୍ତି। ସେଗୁଡିକ ହେଲା ଗୋଡିସାହି ପଞ୍ଚାୟତର କଲ୍ୟାଣପୁର ମଝିସାହି ଓ ଗମ୍ଭାରିଡିହି ଗ୍ରାମର ଉପରସାହି। ସେହିପରି ଗୌଡପୁଟ ପଞ୍ଚାୟତ ଟିକରପଲ୍ଲୀ ଗ୍ରାମ ଓ ନନ୍ଦିଘୋର ପଞ୍ଚାୟତ ଘଷାଦେଇପୁର ଗ୍ରାମର ସ୍କୁଲ ସାହିକୁ ତହସିଲଦାର ସୋମବାର ଅପରାହ୍ନ ୨ଟାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ଏହିସବୁ ଗ୍ରାମ ଓ ସାହିରେ କୋଭିଡ ନିୟମକୁ କଡାକଡି ଭାବେ ପାଳନ କରିବାକୁ କୁହାଯାଇଛି। ଅନ୍ୟପକ୍ଷେ ପୂର୍ବରୁ ଘୋଷଣା କରାଯାଇଥିବା ମାଇକ୍ରୋ କଣ୍ଟେନମେଣ୍ଟ ଅଞ୍ଚଳରୁ ବହୁ ଫେରିବାଲା ସ୍ଥାନୀୟ ଏନ୍‌ଏସିକୁ ଆସି ସାହି ସାହିକୁ ବୁଲି ସାଇକେଲରେ ପନିପରିବା, ପାମ୍ପଡ ଓ ପାଉରୁଟି ଆଦି ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ପ୍ରଶାସନ ଧ୍ୟାନ ଦେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

## ପେଟ୍ରୋଲ ଦର ନିଦ ହଜାଇଲାଣି

**ନୟାଗଡ ଅଫିସ,୩୧।୫:**

ପେଟ୍ରୋଲ ଦର ବଢ଼ି ଚାଲିବାରୁ ବଜାର ଦରଦାମ ବୃଦ୍ଧି ପାଉଛି। ଏ ନେଇ ସାଧାରଣ ଲୋକ ତ୍ରାହି ତ୍ରାହି ଡାକ ଦେଉଛନ୍ତି। ଏ ନେଇ କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ କୁହନ୍ତି, ନୟାଗଡରେ ପେଟ୍ରୋଲ ଦର ୯୫ରେ ପହଞ୍ଚିଛି। ଅନ୍ୟ କିଛି ସ୍ଥାନରେ ୧୦୦ ଟଙ୍କା ହୋଇ ସାରିଲାଣି। ଏ କ'ଣ ମୋଦି ସରକାରଙ୍କର ଅଚ୍ଛା ଦିନ। ଆମର ଅଚ୍ଛା ଦିନ ଦରକାର ନାହିଁ। ଆମର ସେହି ଖରାପ ଦିନ ଦରକାର। ଯେଉଁ ଦିନରେ ପେଟ୍ରୋଲ ଦର ସହ ବଜାର ଦର କମ ଥିଲା।

## ମାସ୍କ,ସାନିଟାଇଜର, ଶୁଖିଲା ଖାଦ୍ୟ ବଣ୍ଟନ

**ଖଣ୍ଡପଡା,୩୧।୫(ସ୍ୱ.ପ୍ର.)**

ସେବା ହିଁ ସଂଗଠନ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ମଣ୍ଡଳରେ ଶୁଖିଲା ଖାଦ୍ୟ, ମାସ୍କ, ସାନିଟାଇଜର ଓ ଗୋଖାଦ୍ୟ ବଣ୍ଟନ ସହ କରୋନା ସଚେତନତା ସୃଷ୍ଟି କରାଯାଇଥିଲା। ଅର୍ଚ୍ଚନା ଦାଶଙ୍କ ତତ୍ତ୍ୱାବଧାନରେ ସମସ୍ତ ମଣ୍ଡଳ ସଭାପତି ଓ ଜିଲା ପ୍ରତିନିଧିଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କରୋନା ସଂକ୍ରମଣକୁ ପ୍ରତିହତ କରିବାକୁ ସମସ୍ତେ ସଚେତନ ହୋଇ ମାସ୍କ ପିନ୍ଧିବା ଓ ସାନିଟାଇଜର ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ଯୁବ ସଂଗଠକ ଟିଟନ ସାହୁ କେତେଜଣ ସହଯୋଗୀଙ୍କ ସହାୟତାରେ ଗାଁକୁ ଗାଁ ବୁଲି ଜନସାଧାରଣଙ୍କୁ ଭେଟି ମହାମାରୀ କରୋନା ଭୂତାଣୁ ସମ୍ପର୍କରେ ସଚେତନ କରିବା ସହ ମାସ୍କ, ସାନିଟାଇଜର ଓ ସାବୁନ ବଣ୍ଟନ କରିଥିଲେ।

## ୨ ବ୍ରାଉନସୁଗାର ବ୍ୟବସାୟୀ ଜେଲ ଗଲେ



ଗିରଫ ହୋଇଥିବା ଦୁଇ ବ୍ରାଉନସୁଗାର ବ୍ୟବସାୟୀ ଗିରଫ।

**ନୟାଗଡ ଅଫିସ/ରଣପୁର, ୩୧।୫(ସ୍ୱ.ପ୍ର.)**

ରଣପୁର ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଦ୍ୱାରା ଅଟକ ଥିବା ୨ ବ୍ରାଉନସୁଗାର ଅଭିଯୁକ୍ତ ବିଡାନାସୀ କଟକର ମାନସ ସ୍ୱାଇଁ ଓ ନୟାଗଡ଼ ସଦର ଥାନା ଖେଡପଡା ଗାଁର ପ୍ରଫୁଲ୍ଲ କୁମାର ମହାରଣାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟ ଅଭିଯୁକ୍ତଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ମାନସ ଓ ପ୍ରଫୁଲ୍ଲଙ୍କଠାରୁ ରବିବାର ରଣପୁର ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଦର୍ପନାରାୟଣପୁରଠାରୁ ୧୧.୫ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଏହି ଦୁଇଜଣ ଯୁବକ ସ୍କୁଟି (ନଂ. ଓଡି ୦୫ଏକସ ୯୩୭୪) ଯୋଗେ ବ୍ରାଉନସୁଗାର ଖୋର୍ଦ୍ଧାରୁ ନୟାଗଡ଼କୁ ବିକ୍ରି କରିବାକୁ ଆଣୁଥିବାବେଳେ ଧରା ପଡିଥିଲେ। ପୋଲିସ ନଂ. ୧୦୦/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି

**ଖଣ୍ଡପଡ଼ା,୩୧।୫(ସ୍ୱ.ପ୍ର)**

ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପଟି ୨ବର୍ଷ ଧରି ଅଚଳ ହୋଇପଡିଛି। ଏହାକୁ କାର୍ଯ୍ୟକ୍ଷମ କରିବା ଦିଗରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ କି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କେହି ହେଲେ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କୋଭିଡ-୧୯ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିଲେ ହେଁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପଟି ପୂର୍ବ ପରି ଅଚଳ ଅବସ୍ଥାରେ ପଡିରହିଛି। ଫଳରେ ଦୈନିକ ଆଖପାଖ ଅଞ୍ଚଳରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରୋଗୀ କଲ୍ୟାଣ ସମିତି ଅନୁଦାନ ଅର୍ଥରେ ଉକ୍ତ ପାନୀୟ ଜଳ ପ୍ରକଳ୍ପଟିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



## ପବନରେ ଗଛ ଭାଙ୍ଗି ରାସ୍ତା ଅବରୋଧ, ହୋଟେଲ ଛାତ ଉଡ଼ିଲା

**ଓଡ଼ଗାଁ, ୩୧।୫(ସ୍ୱ.ପ୍ର.)**

ସୋମବାର ଅପରାହ୍ନ ୪ଟାରେ ସ୍ଥାନୀୟ ଅଞ୍ଚଳରେ ଘଡଘଡି ଓ ପବନ ସହ ଅଧଘଣ୍ଟା ପ୍ରବଳ ବର୍ଷା ହୋଇଯାଇଛି। ଏଥିରେ ଓଡ଼ଗାଁ ଓ ଏହାର ଆଖପାଖ ଅଞ୍ଚଳରେ କେତେକ ଗଛ ଉପୁଡିଥିବା ସୂଚନା ମିଳିଛି। ସେଥିମଧ୍ୟରୁ ଗୋଟିଏ ଆମ୍ବ ଗଛ ରୋହିବାଙ୍କ ରାଜ୍ୟ ରାଜପଥ ଉପରେ ପଡିଯିବାରୁ ଅବରୋଧ ହୋଇଥିଲା। ଫଳରେ କିଛି ସମୟ ପାଇଁ ସେହି ରାସ୍ତାରେ ଗମନାଗମନ ବନ୍ଦ ହୋଇଥିଲା। ହେଲେ ସ୍ଥାନୀୟ ଲୋକଙ୍କ ଉଦ୍ୟମ ଯୋଗୁ ଗଛ କାଟି ରାସ୍ତାପାର୍ଶ୍ୱକୁ ଉଠାଇ ନିଆଯିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ସେହିପରି କୋମଣ୍ଡସ୍ଥିତ ବେସରକାରୀ ପଲିଟେକ୍‌ନିକ ସାମ୍ନାରେ ଥିବା ଗୋଟିଏ ଢାବା ହୋଟେଲ ଆଜ୍‌ବେଷ୍ଟସ୍ ଛାତ ପବନ ଦ୍ୱାରା ଉଡି ଯାଇଛି। ଏହାଦ୍ୱାରା ଢାବାର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି।



ପବନରେ ହୋଟେଲ ଛପର ଉଡି ଯାଇଛି।

## ମାଫିଆଙ୍କ ଦୌରାତ୍ମ୍ୟରେ ଲୋକେ ଆତଙ୍କିତ

**ଓଡ଼ଗାଁ, ୩୧।୫(ସ୍ୱ.ପ୍ର.)**

### ନଦୀପଠାରୁ ବାଲି, ମାଟି ଚାଲାଣ

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଗୌଡପୁଟ ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ଚମ୍ପାପାଣ୍ଡେରୀ-ବନ୍ଧସାହି ତଳ ଭାଗରେ ଥିବା ପ୍ରହରାଜ ତୋଟା ସନ୍ନିକଟ ନଦୀପଠାରୁ ବାଲି ଓ ବିଲ ମାଟି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଛି। ନନ୍ଦିଘୋର ଅଞ୍ଚଳର କେତେଜଣ ଟ୍ରାକ୍ଟର ମାଲିକ ଜୋର ଜବରଦସ୍ତ ସ୍ଥାନୀୟ ଲୋକଙ୍କୁ ଧମକଚମକ ଦେଇ ମାରପିଟ୍ କରି କଡା ସୁରକ୍ଷା ମଧ୍ୟରେ ଦିନରାତି ବାଲି ଚୋରାଚାଲାଣ କରୁଛନ୍ତି। ବିଭାଗୀୟ ରାଜସ୍ୱ ନିରୀକ୍ଷକ ସବୁ ଜାଣିଶୁଣି ଚୁପ୍ ରହୁଥିବା ନେଇ ଲୋକେ ସନ୍ଦିହାନ ହୋଇଛନ୍ତି। ସମ୍ପୃକ୍ତ ମାଫିଆମାନେ ସେଠାରେ ଗୁଣ୍ଡାରାଜ ଚଳାଇବା ସହିତ ୨୪ ଘଣ୍ଟିଆ ଜଗୁଆଳି ରଖିଥିବା କାରଣରୁ ସେଠାରୁ କେହି ଫଟୋଟିଏ ମଧ୍ୟ ଉଠାଇବା ସମ୍ଭବ ହୋଇପାରୁନି। ବିଗତ ଦିନରେ ଜଣେ ଦୁଇଜଣ ଗ୍ରାମବାସୀ ଫଟୋ ଉଠାଇ ମିଡିଆରେ ଦେବା ନିମନ୍ତେ ଉଦ୍ୟମ କରୁଥିବା ବେଳେ ସେମାନଙ୍କ ମାଡ଼ ଗାଳିର ଶିକାର ହୋଇଛନ୍ତି। ସମ୍ପୃକ୍ତ ଅଞ୍ଚଳରୁ ବହୁ ଶତାୟୁ ଆମ୍ବ, ପଣସ ଗଛ ଦୁର୍ବୃତ୍ତମାନେ ତାଡି ଦେବା ସହ ପୋଖରୀ ଭଳି ଗର୍ତ୍ତ କରି ମାଟି ଚାଲାଣ କରାଯାଉଛି। ଏହାଦ୍ୱାରା ବହୁ ଚାଷଜମି ମଧ୍ୟ ନଦୀଗର୍ଭରେ ଲୀନ ହେବା ସମ୍ଭାବନା ଦେଖାଦେଇଛି। ଏ ନେଇ ସମ୍ପୃକ୍ତ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ପରେ ସୁଫଳ ନ ମିଳିବାରୁ ଲିଖିତ ଭାବେ ଚିଠି ପ୍ରଶାସନ, ଜିଲାପାଳ, ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଓ ରାଜସ୍ୱ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବାଲି ଚୋରି କଥାକୁ ସେ ସ୍ୱୀକାର କରିବା ସହ ତହସିଲର ରାଜସ୍ୱ ସୁପରଭାଇଜରଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିବା ପ୍ରକାଶ କରିଛନ୍ତି। ହେଲେ ତଦନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ନେଡି ଗୁଡ କହୁଣିକୁ ବୋହି ଯାଇଥିବ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଆଗାମୀ ମୌସୁମୀରେ ବନ୍ୟାଜଳରେ ବହୁ ଚାଷଜମି ନଷ୍ଟ ହେବା ସମ୍ଭାବନା ଦେଖାଦେଇଛି। ପ୍ରଶାସନ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ମଙ୍ଗଳବାର, ୧ ଜୁନ, ୨୦୨୧

**୨ ଦିନରେ ଆଖି ବୁଜିଲେ ୩ ସଂକ୍ରମିତ**

ବୁଗୁଡ଼ା,(ଡି.ଏନ.ଏ.)-ବୁଗୁଡ଼ାରେ ଗତ ରବିବାର ଓ ସୋମବାର ଦୁଇ ଦିନରେ ୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ବୁଗୁଡ଼ା ମେଡିକାଲ ପରିସରରେ ଔଷଧ ଦୋକାନ କରିଥିବା ଜଣେ ଦୋକାନୀଙ୍କ ସ୍ତ୍ରୀ ଓ ଭାଇ କରୋନା ଆକ୍ରାନ୍ତ ହୋଇଥିଲେ। ସୋମବାର ଏମକେସିଜି ମେଡିକାଲରେ ସ୍ତ୍ରୀଙ୍କ ଦେହାନ୍ତ ହୋଇଥିବା ବେଳେ ଭାଇ ଚିକିତ୍ସାଧୀନ ରହିଛନ୍ତି। ଦିଅର ଓ ଭାଉଜ ଜ୍ୱରରେ ଆକ୍ରାନ୍ତ ହୋଇ ଘରେ ଚିକିତ୍ସାଧୀନ ଥିଲେ। ୨୯ ତାରିଖରେ ଅକ୍ସିଜେନ ସ୍ତର କମିବାରୁ ବ୍ରହ୍ମପୁର ସ୍ଥାନାନ୍ତର ହୋଇଥିଲେ। ସେହିପରି ରବିବାର ବୁଗୁଡ଼ା ବାଲିପିଣ୍ଡି ସାହିର ଜଣେ ଯୁବ ଇଞ୍ଜିନିୟରଙ୍କ ମଧ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି। ସେହିଦିନ ମଧ ଶଙ୍କରୁ ଗ୍ରାମର ନାମ ସଂକୀର୍ତ୍ତନ ଦଳର କୋଷାଧକ୍ଷ ତଥା ଧାନ, କାଜୁ ବେପାରୀଙ୍କ ବ୍ରହ୍ମପୁର କୋଭିଡ ହସ୍ପିଟାଲରେ ମୃତ୍ୟୁ ଘଟିଛି। ଏବେ ସୁଦ୍ଧା ବୁଗୁଡ଼ା ଅଞ୍ଚଳର ୩୮ ଜଣ ବିଭିନ୍ନ ଡାକ୍ତରଖାନରେ ପ୍ରାଣ ହରାଇଥିବା ବେସରକାରୀ ରିପୋର୍ଟରୁ ଜଣାପଡିଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

**ଆର.ଉଦୟଗିରି,୩୧।୫(ଡି.ଏନ.ଏ.):** ଆର.ଉଦୟଗିରି ପୋଲିସ ରବିବାର ଖମ୍ବାରୀସାହି ଗ୍ରାମରେ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକ୍‌ରେ ବୋଝେଇ ହୋଇ ଯାଉଥିବା ଗଞ୍ଜେଇ ବସ୍ତା ଜବତ କରିଛି। ଗଞ୍ଜେଇ ବେପାରୀଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ସେ ହେଲେ ଅଡବା ଥାନା ଅନ୍ତରବା ଗ୍ରାମର କାଇନା ପାଲ (୪୫)। ଜବତ ଗଞ୍ଜେଇକୁ ଆର.ଉଦୟଗିରି ତହସିଲଦାର ସ୍ମୃତି ରଞ୍ଜନ ଶତପଥୀଙ୍କ ଉପସ୍ଥିତିରେ ଓଜନ କରିବାରୁ ୩୦ କେଜି ୨୦୦ ଗ୍ରାମ ହୋଇଥିଲା। ଏ ନେଇ ଆର.ଉଦୟଗିରି ଥାନାରେ ନଂ ୬୩/୨୧ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ରବୀନ୍ଦ୍ର ପଣ୍ଡା କହିଛନ୍ତି।

### ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଜି.ଉଦୟଗିରି,୩୧।୫(ଡି.ଏନ.ଏ.):** କରୋନାକୁ ନେଇ ସବୁ ସ୍ତରରେ ଚାଲିଛି ସଚେତନ କାର୍ଯ୍ୟକ୍ରମ। ସହର ପରେ ଏବେ ଗାଁରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ତେଣୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସଚେତନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ କର୍ମୀମାନେ ଗାଁକୁ ଗାଁ ବୁଲି ମାଇକ ଯୋଗେ କରୋନା, ଟିବି, ଲେପ୍ରୋସି, ମ୍ୟାଲେରିଆ ଆଦି ରୋଗ ସମ୍ପର୍କରେ ସଚେତନ କରୁଛନ୍ତି। ରାଇକଲା ଏବଂ କଳିଙ୍ଗା ପଞ୍ଚାୟତରେ ଆରମ୍ଭ ହୋଇଥିବା ଏହି ସଚେତନ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ପଣ୍ଡା, ପ୍ରଭାତ ଶତପଥୀ ପ୍ରମୁଖ ସ୍ୱାସ୍ଥ୍ୟ କର୍ମୀମାନଙ୍କ ସହିତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।

### ବାସହୀନଙ୍କୁ ଜାଗା ଅଧିକାର ପତ୍ର ବଣ୍ଟନ

**କାଶୀନଗର,୩୧।୫(ଡି.ଏନ.ଏ.):** କାଶୀନଗର ତହସିଲ ତରଫରୁ ଶିଆଳି ପଞ୍ଚାୟତର ପାପେୟାପେଟା ଗ୍ରାମରେ ବାସହୀନ ପରିବାରଙ୍କୁ ସୋମବାର ସ୍ଥାନୀୟ ତହସିଲଦାର ଲକ୍ଷ୍ମୀ ପ୍ରସାଦ ସାହୁ ଜାଗା ଅଧିକାର ପତ୍ର ବଣ୍ଟନ କରିଥିଲେ। ଆଦିବାସୀମାନଙ୍କୁ କରୋନା ସମ୍ପର୍କରେ ସଚେତନ କରିବା ସହ କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବାକୁ ଜନସାଧାରଣଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଆର୍‌ଆଇ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### କରୋନା ଆକ୍ରାନ୍ତ ସ୍ୱାମୀ ସୁସ୍ଥ, ସ୍ତ୍ରୀ ମୃତ

**କୁକୁଡ଼ାଖଣ୍ଡି,୩୧।୫:** କୁକୁଡ଼ାଖଣ୍ଡି ବ୍ଲକ ଅଧୀନରେ କାର୍ଯ୍ୟରତ ଥିବା ନିମଖଣ୍ଡି ଗ୍ରାମପଞ୍ଚାୟତର ପିଇଓ ରମେଶ ଚନ୍ଦ୍ର ରଥଙ୍କ ସ୍ତ୍ରୀ କନକ ମଞ୍ଜରୀ (୫୧)ଙ୍କ ରବିବାର କରୋନାରେ ମୃତ୍ୟୁ ଘଟିଛି। କିଛି ଦିନ ପୂର୍ବରୁ ପିଇଓଙ୍କ ପଜିଟିଭ୍ ବାହାରିବାରୁ ବ୍ରହ୍ମପୁର କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ୨୨ ତାରିଖରେ କନକଙ୍କ କରୋନା ଲକ୍ଷଣ ଦେଖାଦେବାରୁ ସେ ହୋମ୍ ଆଇସୋଲେଶନ୍‌ରେ ରହି ଚିକିତ୍ସିତ ହେଉଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ପିଇଓ ସୁସ୍ଥ ହୋଇ ଘରକୁ ଫେରିଥିଲେ ମଧ କନକଙ୍କ ଜୀବନ ଚାଲିଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ତାଙ୍କର ମୃତଦେହ ସଂସ୍କାର ହୋଇଥିଲା।

# ପ୍ରକଳ୍ପ ଅନୁମୋଦନ ପୂର୍ବରୁ ମେଶିନ କରୁଛି କାମ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାଟବଣା

**ଛତ୍ରପୁର,୩୧।୫(ଡି.ଏନ୍.ଏ.)**

ଶ୍ରମିକଙ୍କୁ କାମ ଯୋଗାଇ ଦେବାପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କୋଟି କୋଟି ଅନୁଦାନ ଖର୍ଚ୍ଚ ହେଉଛି। ହେଲେ କେତେଜଣ ମୁନାଫାଖୋର ଠିକାଦାର ଦଲାଲ ଓ ସରକାରୀ ବାବୁଙ୍କ ମଧରେ ସଲାସୁତୁରା ଯୋଗୁ ଏହି ଯୋଜନା ବାଟବଣା ହେଉଛି। ଅନ୍ୟପକ୍ଷରେ ଜନପ୍ରତିନିଧି ପାଲଟି ଯାଉଛନ୍ତି ଜଣେ ଜଣେ ଠିକାଦାର। ଛତ୍ରପୁର ବ୍ଲକ ଅନ୍ତର୍ଗତ ରାଜନାପଲ୍ଲି ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ରାଜନାପଲ୍ଲି ବିକାଶ ନାଁରେ ଅନେକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ଅନୁମୋଦନ ପୂର୍ବରୁ



ମେଶିନରେ କାମ ଚାଲିଛି ।

ବିନା ସୂଚନା ଫଳକରେ ଅତି ଚତୁରତାର ସହ ଏମ୍‌ଜିଏନ୍‌ଆର୍‌ଇଜିଏସରେ ଶ୍ରମିକ ବଦଳରେ ଜେସିବି ମେଶିନ ସାହାଯ୍ୟରେ କାର୍ଯ୍ୟ କରାଯାଉଛି। ଜବକାର୍ଡ ଧାରୀମାନଙ୍କୁ ଉପେକ୍ଷା କରି ଚଞ୍ଚକତା ପୂର୍ବକ କାଗଜପତ୍ର ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ଶ୍ରମିକ ମଜୁରି ଆଳରେ ଚଳୁ କରାଯାଉଥିବା ଜଣେ ଜବ କାର୍ଡଧାରୀ ଅଭିଯୋଗ କରିଛନ୍ତି। ଗୋଟିଏ ପ୍ରକଳ୍ପରେ ଅନେକ ଯୋଜନାର ଟଙ୍କା ଖର୍ଚ୍ଚ କରାଯାଇ ମିଥ୍ୟା ବିଲ କରାଯାଉଛି ବୋଲି ଜଣେ ସାମାଜିକ କର୍ମୀ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ପଞ୍ଚାୟତିରାଜ ବିଭାଗ, ଦୁର୍ନୀତି ନିବାରଣ ବିଭାଗ ଆଦିକୁ ପତ୍ର ମାଧମରେ ଅଭିଯୋଗ କରିଥିବା କହିଛନ୍ତି। ମେଶିନ ସାହାଯ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ହେଉଥିବା ନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜୟସେନ ବେହେରାଙ୍କୁ ଫୋନ ଯୋଗେ ପଚାରିବାରେ ସେ କହିଛନ୍ତି, ଉକ୍ତ ପ୍ରକଳ୍ପ ଅନୁମୋଦନ ପାଇଁ ପଠାଯିବାର ଥିଲା। କିନ୍ତୁ ମେଶିନ ଦ୍ୱାରା କାର୍ଯ୍ୟ ହେଉଥିବା ଅଭିଯୋଗ ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରାଯାଇଛି ବୋଲି କହିଛନ୍ତି।

# ଏସ୍‌ପିଙ୍କୁ ଫେରାଦ ହେଲା କଂଗ୍ରେସ

- ରଙ୍କଦେଉଳି ପିଡିଏସ୍ ଚାଉଳ କେଳେଙ୍କାରୀ
- ଚାଉଳ ଦୁର୍ନୀତିର ଅଭିଯୁକ୍ତ ଗିରଫ ଦାବି

**ନୟାଗଡ ଅଫିସ,୩୧।୫:**

ନୟାଗଡ ଜିଲା ରଣପୁର ବ୍ଲକ ରଙ୍କଦେଉଳି ପଞ୍ଚାୟତର ପିଡିଏସ୍ ଚାଉଳ ଟ୍ରକ ଜବତ ପରେ ତ୍ରିନାଥ ସାହୁଙ୍କୁ ନିଲମ୍ବନ କରାଯାଇଛି। ଅନ୍ୟପକ୍ଷେ ଡିଲର ଲାଇସେନ୍ସ କାହିଁକି ରଦ୍ଦ ନ ହେବ, ସେଥିପାଇଁ କାରଣ ଦର୍ଶାଅ ନୋଟିସ୍ ହୋଇଛି। ତେବେ ଜବତ ଚାଉଳ ରିଟେଲରଙ୍କଠାରୁ ଆସିଥିଲା ବୋଲି ରଣପୁର ଥାନାରେ ଅଭିଯୋଗ ସତ୍ତ୍ୱେ ତଦନ୍ତ ହେଉନି କି କାର୍ଯ୍ୟାନୁଷ୍ଠାନ ନାହିଁ। ଥାନା ଭିତରେ ଜବତ ଚାଉଳ ବୋଝେଇ ୪୦୭ ମିନି ଟ୍ରକ ୮ଦିନ ହେଲା ପଡି ରହିଛି। ଏହି କେଳେଙ୍କାରୀର ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ୭ଦିନ ଭିତରେ ଅତ୍ୟାବଶ୍ୟକ ସାମଗ୍ରୀ ନିରୋଧ ଆଇନ ବଳରେ ଗିରଫ କରିବାକୁ ଜିଲା କଂଗ୍ରେସ ପକ୍ଷରୁ ଦାବି ହୋଇଛି। ନ ହେଲେ ରଣପୁର ଥାନା ସମ୍ମୁଖରେ କୋଭିଡ୍ ନିୟମ ଅନୁସାରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ, ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର ଓ ରଣପୁର ବ୍ଲକ କଂଗ୍ରେସ ସଭାପତି ଦିଲୀପ କୁମାର ଜେନାଙ୍କ ସ୍ୱାକ୍ଷରରେ ଏକ ସ୍ମାରକପତ୍ର ନୟାଗଡ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଗୋଡିପଡା ବଡପୋଖରୀଠାରେ ଗତ ୨୪ ତାରିଖ ସୋମବାର ପୂର୍ବାହ୍ନରେ ପିଡିଏସ୍ ଚାଉଳ ବୋଝେଇ ଟ୍ରକକୁ ଅଟକାଇ ରଙ୍କଦେଉଳି ପଞ୍ଚାୟତର ଖାଉଟିମାନେ ରଣପୁର ଥାନାର ଦର୍ପନାରାୟଣପୁର ଫାଣ୍ଡିରେ ପୋଲିସ ଜିମା ଦେଇଥିଲେ। ରଙ୍କଦେଉଳିର ପ୍ରଫୁଲ୍ଲ ନାୟକ ନାମକ ଜଣେ ଖାଉଟି ଏ ନେଇ ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଚାଉଳ ବୋଝେଇ ୪୦୭ ମିନିଟ୍ରକ୍ (ନଂ. ଓଡି ୨୫ଡି ୬୪୭୮)କୁ ଜବତ କରିଥିଲା। ପରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ରିଟେଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ତେବେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇନାହିଁ।

# ୨୭ ସେଣ୍ଟରରେ ଟିକା ବ୍ୟବସ୍ଥା

## ୨୮୩ କରୋନାରେ ଆକ୍ରାନ୍ତ, ଜଣେ ମୃତ

**ନୟାଗଡ଼ ଅଫିସ,୩୧।୫:**

ନୟାଗଡ଼ ଜିଲାର ୨୭ଟି ସେଣ୍ଟରରେ କୋଭିଡ୍ ଟିକାଦାନ ଜୁନ ୧ ମଙ୍ଗଳବାର କରାଯିବ। ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ପ୍ରଥମ ଡୋଜ ନେଇ ପାରିବେ। ଅନ୍ୟପକ୍ଷେ ପ୍ରଥମ ଡୋଜ ନେବାର ଯେଉଁମାନଙ୍କର ୮୪ ଦିନ ଅତିକ୍ରମ କରି ସାରିଛି, ସେମାନେ ୨ୟ ଡୋଜ ନେଇପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଗଣିଆ ତହସିଲ ଗଣିଆ ପଞ୍ଚାୟତ ଏରଣ୍ଡିପଥର ବାଲିସାହି, କରଡାପଡା ପଞ୍ଚାୟତ ରଗଡିସାହି ଗାଁକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଅନ୍ୟପକ୍ଷେ ସୋମବାର ରିପୋର୍ଟରେ ନୟାଗଡ଼ ଜିଲାରେ ୨୮୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ସହ ଜଣେ ୨୭ ବର୍ଷର ଯୁବକଙ୍କ ମୃତ୍ୟୁ ଘଟିଛି। ତେବେ ଦ୍ୱିତୀୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯,୦୦୩ରେ ପହଞ୍ଚିଛି। ପ୍ରକାଶଥାଉକି ସୋମବାର ରିପୋର୍ଟରେ ଭାପୁର ବ୍ଲକରେ ୧୮, ଦଶପଲ୍ଲାରେ ୬୪, ଗଣିଆରେ ୮, ଖଣ୍ଡପଡାରେ ୧୩, ନୟାଗଡରେ ୪୮, ନୂଆଗାଁରେ ୪୭, ଓଡଗାଁରେ ୩୩, ରଣପୁର ବ୍ଲକରେ ୩୭, ନୟାଗଡ଼ ମ୍ୟୁନିସିପାଲିଟିରେ ୧୫ଜଣ ଅଛନ୍ତି।

# ବିଶ୍ୱ ତମାଖୁ ବର୍ଜନ ଦିବସ

**ଖଲ୍ଲିକୋଟ,୩୧।୫(ଡି.ଏନ.ଏ.)**

ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍, ଏନ୍‌ସିସି ଓ ଯୁବ ରେଡକ୍ରସ୍ ମିଳିତ ଆନୁକୂଲ୍ୟରେ ବିଶ୍ୱ ତମାଖୁ ନିଷେଧ ଦିବସ ଗୁଗଲ ମିଟ୍ (ଇ-ପ୍ଲାଟ୍ ଫର୍ମ) ଜରିଆରେ ଅଧକ୍ଷ ପ୍ରଫେସର ଶ୍ୟାମସୁନ୍ଦର ପାଢୀଙ୍କ ମାର୍ଗଦର୍ଶନରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ବିମଳ ପ୍ରସାଦ ସାହୁ ସଭାପତିତ୍ୱ କରିଥିବା ବେଳେ ଯୁବ ରେଡକ୍ରସ ଓ ଏନ୍‌ସିସି ଅଧିକାରୀ ଅଧ୍ୟାପକ ଟି.ଅକ୍ଷୟ କୁମାର ସ୍ୱାଗତ ଅଭିଭାଷଣ ଦେଇଥିଲେ। ମୁଖ୍ୟବକ୍ତା ରୂପେ ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ତଥା ପ୍ରାଧ୍ୟାପକ ତ୍ରିନାଥ ସାହୁ କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର ତଥା ସ୍ୱେଚ୍ଛାସେବୀମାନଙ୍କୁ ତମାଖୁର କୁପ୍ରଭାବ ଓ ଏହାକୁ କିପରି ଭାବେ ବର୍ଜନ କରିପାରିବେ ତାହା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ସୁନୀଲ କୁମାର ସେନାପତି ସମସ୍ତଙ୍କୁ ବିଶ୍ୱ ତମାଖୁ ନିଷେଧ ଦିବସର ଶପଥ ପାଠ କରାଇଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ସତ୍ୟ ନାରାୟଣ ବେହେରା, କୃଷ୍ଣଚନ୍ଦ୍ର ତରାଇ ଓ ସନ୍ଧ୍ୟାରାଣୀ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶେଷରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ.ସୁନୀଲ କୁମାର ସେନାପତି ଧନ୍ୟବାଦ ଦେଇଥିଲେ।

# ଅଗ୍ନିବିପନ୍ନଙ୍କୁ ସହାୟତା



ହେଲ୍ପ ଇଣ୍ଡିଆ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି ।

**ଭଞ୍ଜନଗର,୩୧।୫(ଡି.ଏନ.ଏ)**

ଭଞ୍ଜନଗର ତହସିଲ ଅନ୍ତର୍ଗତ କାଠଚିରା ଆଦିବାସୀ ସାହିରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୭ ପରିବାରର ୭ ବଖରା ପୋଡ଼ିଯାଇଥିଲା । କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ପ୍ରଶାସନ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହାୟତା ଦିଆଯାଉଛି। ସୋମବାର ହେଲ୍ପ ଇଣ୍ଡିଆ ପକ୍ଷରୁ ସହାୟତା ପ୍ରଦାନ ବେଳେ ହେଲ୍ପ ଇଣ୍ଡିଆର ତଥା ସରପଞ୍ଚ ଶିବ ଶଙ୍କର ପ୍ରଧାନ, ଗଞ୍ଜାମ ସଭାପତି ଶିବ ପ୍ରଧାନ, ଆଦିତ୍ୟ ରାଉଳ, ବଳରାମ ସାହୁ, ଅଜୟ ନାୟକ, ମଣ୍ଟୁ ନାୟକ, ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରି କ୍ଲବ ପକ୍ଷରୁ ସହାୟତା ପ୍ରଦାନ ସମୟରେ କର୍ମକର୍ତ୍ତା ପଞ୍ଚାନନ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସେହିପରି କାଳ ଭୈରବୀ ସଙ୍ଗଠନ ପକ୍ଷରୁ ବିପନ୍ନ ପରିବାର ଗୁଡ଼ିକୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା। ରବିବାର କଂଗ୍ରେସ ପକ୍ଷରୁ ମଧ୍ୟ ସହାୟତା ଦିଆଯାଇଥିଲା ।

# ପାନୀୟ ଜଳ କିଣୁଛନ୍ତି ତୁମ୍ବବାସୀ

## ସରକାରୀ ଯୋଜନା ଅପହଞ୍ଚ

**ଗିରିଧାରୀ ପରିଚ୍ଛା**
**ପାରଳାଖେମୁଣ୍ଡି,୩୧।୫(ଡି.ଏନ୍.ଏ.)**

ପାନୀୟଜଳ ସମସ୍ୟାକୁ ଦୂର କରିବା ପାଇଁ ସରକାର ଗ୍ରାମାଞ୍ଚଳରେ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ କେତେକ ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁ ଲୋକଙ୍କୁ ପାନୀୟ ଜଳ ମିଳୁନାହିଁ। ଫଳରେ ସୁଦ୍ଧ ପାନୀୟ ଜଳ ପାଇବା ପାଇଁ ଲୋକଙ୍କୁ ପାଣି କିଣିବାକୁ ପଡୁଛି। ଏହା ଦେଖିବାକୁ ମିଳିଛି ରାୟଗଡ ବ୍ଲକ କଇଁପୁର ପଞ୍ଚାୟତ ଅଧୀନ ତୁମ୍ବ ଗ୍ରାମରେ। ଉକ୍ତ ଗ୍ରାମରେ ପ୍ରାୟ ୮୦ ପରିବାର ବସବାସ କରୁଛନ୍ତି। ସେମାନଙ୍କ ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ। ଗ୍ରାମରେ ୨ ଟି ନଳକୂପ, ୩ ଟି କୂଅ ରହିଛି। ହେଲେ ଗୋଟିଏ ନଳକୂପ ଅଚଳ ଥିବା ବେଳେ ଅନ୍ୟଟିରେ ପାଣି ପିଇବା ଉପଯୋଗୀ ନୁହେଁ। ସେହିପରି ଦୁଇଟି କୁଅରେ ପାଣି ସୁଖିଯାଇଥିବା ବେଳେ ଅନ୍ୟଟିରେ ବହୁତ କମ ପାଣି ରହୁଛି ଯାହା ଶୌଚ ପାଇଁ ବ୍ୟବହାର କରୁଛନ୍ତି ଗ୍ରାମବାସୀ। ବହୁ ବର୍ଷହେବ ଗ୍ରାମବିକାଶ ଦ୍ୱାରା ଗ୍ରାଭିଟି ଫ୍ଲୋ ପାଇପ ୱାଟର ସପ୍ଲାଇ ପ୍ରଜେକ୍ଟ ମାଧ୍ୟମରେ ଏକ ବିରାଟ ପାଣିଟାଙ୍କି ନିର୍ମାଣ କରାଯାଇ ଗ୍ରାମବାସୀଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରାଯାଇଥିଲା। ହେଲେ ଦୀର୍ଘ ପାଞ୍ଚ ବର୍ଷ ହେବ ତାହା ଖରାପ ହେବାରୁ ଗ୍ରାମବାସୀ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି । ଏ ନେଇ ବହୁବାର ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମଳୁନାହିଁ। ତେଣୁ ଗ୍ରାମବାସୀ ଚାନ୍ଦା ଆଦାୟ କରି ଏକ ବେସରକାରୀ ପାଣି ଟେଙ୍କର ମାଧମରେ ପାଣିକୁ କୁଣୁଛନ୍ତି। ଉକ୍ତ ପିଇବା ପାଣି ଟେଙ୍କର ମୂଲ୍ୟ ଗୋଟାଏ ଥର ପାଇଁ ପ୍ରାୟ ୧ ହଜାର ପାଞ୍ଚ ସହ ଟଙ୍କା ଖର୍ଚ୍ଚ ହେଉଥିବା ଗ୍ରାମର ଲକ୍ଷ୍ମଣ ଶବର ପ୍ରକାଶ କରିଛନ୍ତି । ତେବେ ଏହାର ସମାଧାନ ନହେଲେ କେତେ ପାଣି କିଣିବୁ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ରାୟଗଡ ଏକ ଆଦିବାସୀ ଅଧ୍ୟୁଷିତ ବ୍ଲକ ଭାବେ ପରିଚିତ। ରାଜ୍ୟ ସରକାର ଏହି ବ୍ଲକ ପାଇଁ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷାଧିକ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନଭାବ ଯୋଗୁ ଅନେକ ବଡ ବଡ ପ୍ରକଳ୍ପ ଅର୍ଦ୍ଧନିର୍ମିତ ଭାବେ ପଡିରହିଛି। ଯାହା ବର୍ଷ ବର୍ଷ ବିତିଯାଇଥିଲେ ସୁଧା ନିର୍ମିତ ହୋଇପାରୁନାହିଁ ଏବଂ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲେ ବି ଜନସାଧାରଣଙ୍କ କାର୍ଯ୍ୟରେ ଲାଗୁ ନାହିଁ। ତେବେ ସରକାର ଏହାର ତଦନ୍ତ କରି ପାନୀୟ ଜଳ ସମସ୍ୟାର ସମାଧାନ ନ କଲେ ଗଜପତି ଜିଲାରେ ବିକାଶ ଅସମ୍ଭବ ବୋଲି ଚର୍ଚ୍ଚା ଯୋର ଧରିଛି।



ପାଣି ନେବାକୁ ଟ୍ୟାଙ୍କର ଚାରିପଟେ ଲୋକ ଜମା ହୋଇଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା

**ରମ୍ଭା,୩୧।୫**

ରମ୍ଭାରେ ଥିବା ପୂର୍ତ୍ତ ବିଭାଗରେ ଦୀର୍ଘଦିନ ଧରି ସେବା ଯୋଗାଇ ଆସୁଥିବା ବରିଷ୍ଠ କିରାଣୀ ଶିବ ପ୍ରସାଦ ମିଶ୍ର ସୋମବାର ଅବସର କାର୍ଯ୍ୟରୁ ଅବସର ନେଇଛନ୍ତି। ଏ ନେଇ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସବ-ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ପ୍ରଦୀପ୍ତ କୁମାର ଶତପଥୀ, ରମ୍ଭା ଶାଖା କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଇଂ.ସତ୍ୟ ନାରାୟଣ ବିଷୋୟୀ, ରମ୍ଭା ଶାଖାର ପଞ୍ଚାନନ ଖଟୁଆ, କୋଦଳା ଶାଖାର ପ୍ରଭାକର ପଲେଇ, ଖଲ୍ଲିକୋଟ ଶାଖାର ବିଷ୍ଣୁ ଚରଣ ପଟ୍ଟନାୟକ, ଅରୁଣ ବାରିକ, ବିପିନ ବିହାରୀ ଗୌଡ଼, କିଶୋର ଘୋଷ ଓ ଖଗପତି ନାୟକ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ବଳପୂର୍ବକ ବିବାହ

## ଚାଇଲ୍ଡ ଲାଇନକୁ ହସ୍ତାନ୍ତର କଲେ ସିଡିପିଓ

**ପାତ୍ରପୁର,୩୧।୫(ଡି.ଏନ.ଏ.)**

ନାବାଳିକା ଝିଅକୁ ବଳପୂର୍ବକ ବିବାହ କରାଇବା ଘଟଣା ମା' ବାପାଙ୍କୁ ମହଙ୍ଗା ପଡ଼ିଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନା ପୋଲିସକୁ କୁହାଯାଇଛି। ପାତ୍ରପୁର ବ୍ଲକ ଜରଡ଼ା ଥାନା ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ମା'ବାପା ଗତ ୨୭ ତାରିଖରେ ଜଣେ ଯୁବକଙ୍କ ସହ ବଳପୂର୍ବକ ବିବାହ କରାଇଥିଲେ। ନାବାଳିକା ଜଣକ ଏ ନେଇ ଚାଇଲ୍ଡ ହେଲ୍ପ ଲାଇନକୁ ଫୋନ କରି ଜଣାଇଥିଲେ। ପରେ ସେ ପାତ୍ରପୁର ଆଇସିଡ଼ିଏସ କାର୍ଯ୍ୟାଳୟ ଯାଇ ନିଜ ଥଇଥାନ ପାଇଁ ସିଡିପିଓଙ୍କୁ ଜଣାଇଥିଲେ। ସିଡ଼ିପିଓ ପଦ୍ମିନୀ ସାହୁ ସୋମବାର ନାବାଳିକାଙ୍କୁ ଥଇଥାନ ଓ ସୁରକ୍ଷା ପାଇଁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରଛନ୍ତି। ଏଥିସହ ନାବାଳିକାଙ୍କ ମା ବାପାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜରଡା ଥାନା ଅଧିକାରୀଙ୍କୁ ଅବଗତ କରାଇଛନ୍ତି।

# ବି.ଖଜୁରିପଦା ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

**ନୂଆଗଡ଼,୩୧।୫**

ନୂଆଗଡ ବ୍ଲକ ଅନ୍ତର୍ଗତ ବି. ଖଜୁରିପଦା ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପରେ ପୁରସ୍କୃତ ହୋଇଛି। ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ସରକାରଙ୍କ ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ଦୁର୍ଗମ ଅଞ୍ଚଳରେ ଗଢିଉଠିଛି ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର। ଉତ୍ତମ ଚିକିତ୍ସା ଯୋଗାଇ ଲୋକଙ୍କ ଆସ୍ଥାଭାଜନ ହେବା ସହ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବିଭିନ୍ନ ବିଭାଗର ସାତଜଣ ଡାକ୍ତର ନିରବିଚ୍ଛିନ୍ନ ସେବାରେ ନିୟୋଜିତ ଅଛନ୍ତି। ରୋଗୀ ପ୍ରତୀକ୍ଷାଳୟ ଠାରୁ ଆରମ୍ଭ କରି ଲେବର ରୁମ୍, ଡ୍ରେସିଂ ରୁମ୍, ସୂଚନା କେନ୍ଦ୍ର, ଅଭିଯୋଗ ଓ ମତାମତ ବକ୍ସ, ପରୀକ୍ଷାଗାର, ବିଭିନ୍ନ ବିଭାଗର ୱାର୍ଡ, ଔଷଧ ବିତରଣ କେନ୍ଦ୍ର, ଇନ୍‌ଡୋର ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା, ଶିକ୍ଷା ଯୋଗାଯୋଗ ସାଧନ କେନ୍ଦ୍ର ଆଦି କ୍ଷେତ୍ରରେ ସୁବ୍ୟବସ୍ଥା କରାଯାଇଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମମତା ପାଢ଼ୀଙ୍କ ନେତୃତ୍ୱରେ ଆରୋଗ୍ୟ ପ୍ଲସ, ମୋବାଇଲ ହେଲଥ, ରାଷ୍ଟ୍ରୀୟ ବାଲ ସୁରକ୍ଷା ଟିମ୍ ଗାଁ ଗାଁ ବୁଲି ସରକାରଙ୍କ ସ୍ୱାସ୍ଥ୍ୟ ସେବା ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିପାରିଛନ୍ତି। ଏଥିରେ ସ୍ଥାନୀୟ କର୍ମଚାରୀ, ସ୍ଥାନୀୟ ଲୋକ, ଉଚ୍ଚ କର୍ତ୍ତୃପକ୍ଷ, ଖବରଦାତାଙ୍କ ଯଥେଷ୍ଟ ସହଯୋଗ ରହିଛି। ଆଗକୁ ଆହୁରି ଅନେକ କିଛି କରିବାକୁ ପ୍ରୟାସ ଜାରି ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା ନିବେଦିତା ସାହୁ କହିଛନ୍ତି।



ଖଜୁରିପଦା ସ୍ୱାସ୍ଥ୍ୟକେନ୍ଦ୍ର।

# ଭଞ୍ଜନଗର ମେଡିକାଲକୁ ସ୍ୱତନ୍ତ୍ର ମାନ୍ୟତା ଦାବି

**ବାବୁଲା ପ୍ରଧାନ**
**ଭଞ୍ଜନଗର,୩୧।୫(ଡି.ଏନ.ଏ.)**

ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଧୀରେ ଧୀରେ ପରିବର୍ତ୍ତନ ଆସୁଛି। ତଥାପି ଏବେବି ଅନେକ ମେଡ଼ିକାଲର ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି। ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲ ରାଜ୍ୟର ଏକ ପ୍ରମୁଖ ହସ୍‌ପିଟାଲ। ଏହାକୁ ଦୃଷ୍ଟିରେ ରଖି ମେଡ଼ିକାଲର ଭିତ୍ତିଭୂମି ସୁଦୃଢ଼ କରାଯାଉଛି। କିନ୍ତୁ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୁବିଧାଗୁଡ଼ିକ ଏଠାରେ ନାହିଁ। ଡାକ୍ତର ଓ ନର୍ସ ସମେତ ଅନ୍ୟାନ୍ୟ ବହୁ ପଦବୀ ଖାଲିପଡ଼ିଛି । କାର୍ଯ୍ୟଚାପ ଯୋଗୁ କର୍ମଚାରୀମାନେ ମଧ ବିଭିନ୍ନ ସମୟରେ ରୋଗୀ ସେବା ଠିକ୍ ଭାବେ କରିପାରୁନାହାନ୍ତି। ଯାହାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ଏବଂ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଛି। ତେଣୁ ଭଞ୍ଜନଗର ମେଡିକାଲରେ ଅଧିକାଂଶ ସମୟରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ବର୍ତ୍ତମାନ କରୋନା



ଭଞ୍ଜନଗର ହସ୍ପିଟାଲ ।

ପରିସ୍ଥିତିରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଛି। ଭଞ୍ଜନଗର ହସ୍‌ପିଟାଲ ଉପରେ ଉପଖଣ୍ଡର ୮ ବ୍ଲକ ସମେତ ପଡ଼ୋଶୀ କନ୍ଧମାଳ ଓ ନୟାଗଡ଼ ଜିଲାର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭରଶୀଳ। ଆଉଟଡୋରରେ ଦୈନନ୍ଦିନ ଶହଶହ ରୋଗୀ ଚିକିତ୍ସିତ ହେଉଛନ୍ତି। ଏଥିସହ ଘରୋଇ ନର୍ସିଂ ହୋମ୍‌ରେ ମଧ ବହୁ ରୋଗୀ ଚିକିତ୍ସିତ ହେଉଛନ୍ତି। ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଉଛି । କିନ୍ତୁ ଗୁରୁତର ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧା ନାହିଁ । ଏଥିସହ ଅନ୍ୟାନ୍ୟ ଭିତ୍ତିଭୂମିର ଅଭାବ ରହିଛି। ଏହିଭଳି ପରିସ୍ଥିତିରେ ଗୁରୁତର ରୋଗୀଙ୍କୁ ୮୦ କି.ମି. ବ୍ରହ୍ମପୁର ନେଇ ଚିକିତ୍ସିତ କରିବା ବେଳକୁ ଅନେକ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡୁଛି। ରୋଗୀ ସଂଖ୍ୟାକୁ ଦେଖି ଭଞ୍ଜନଗର ମେଡିକାଲକୁ ସ୍ୱତନ୍ତ୍ର ହସ୍‌ପିଟାଲ ମାନ୍ୟତା ଦେବା ପାଇଁ ବିଭିନ୍ନ ସମୟରେ ଦାବି ହେଉଛି। କିନ୍ତୁ ଅଞ୍ଚଳବାସୀଙ୍କ ଦାବିକୁ ସରକାର ଗୁରୁତ୍ୱ ଦେଉନାହାନ୍ତି । ଭଞ୍ଜନଗର ମେଡ଼ିକାଲର ଆବଶ୍ୟକତାକୁ ଦେଖି ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ସାଧାରଣରେ ଦାବି ହୋଇଛି । ୨ବର୍ଷ ପୂର୍ବେ ଭଞ୍ଜନଗର ମେଡିକାଲର ଡାକ୍ତର ପଦବୀ ୧୪ରୁ ୨୪କୁ ବୃଦ୍ଧି କରାଗଲା। ଏଥିସହ ଏସ୍‌ଡିଏମ୍‌ଓ ପଦବୀକୁ ଅଧୀକ୍ଷକ ପଦବୀକୁ ପଦୋନ୍ନତି କରାଗଲା। ବର୍ତ୍ତମାନ ମାତ୍ର ୧୦ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତ। ସେଥିମଧ୍ୟରୁ ମଧ ୨ଜଣ ଡେପୁଟେଶନରେ ଏଠାକୁ ଆସିଛନ୍ତି। ସର୍ଜରୀ, ଅସ୍ଥିଶଲ୍ୟ, ନିଶ୍ଚେତକ ଓ ଚକ୍ଷୁ ବିଶେଷଜ୍ଞ ପଦବୀ ବର୍ଷବର୍ଷ ଧରି ଖାଲିପଡ଼ିଛି। ମେଡିସିନି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମାତ୍ର ଜଣେ ଡାକ୍ତର ଅଛନ୍ତି। ଶିଶୁ ବିଭାଗରେ ଜଣେ ଡାକ୍ତର ପଦବୀ ମଧ ଖାଲିପଡ଼ିଛି । ପ୍ରସୂତି ବିଭାଗରେ ଡାକ୍ତର ଅଭାବ ସମସ୍ୟା ନ ଥିବାବେଳେ ଶିଶୁ ଓ ପ୍ରସୂତି ବିଭାଗର ଭିତ୍ତିଭୂମି ମଧ ସୁଦୃଢ଼ ଅଛି । ଅନ୍ୟ ବିଭାଗରେ ରୋଗୀ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି ।

## ସେମାନେ ଯାହା କୁହନ୍ତି

"ଭଞ୍ଜନଗର ମେଡ଼ିକାଲର ରୋଗୀ ସଂଖ୍ୟାକୁ ଦେଖି ଆଇସିୟୁ ଭେଣ୍ଟିଲେଟର ସୁବିଧା କାର୍ଯ୍ୟକାରୀ କରାଯାଉ। ଏଥିସହ ଦିନକୁ ଦିନ ଅକ୍ସିଜେନର ଆବଶ୍ୟକତା ବଢୁଛି। ତେଣୁ ଏଠାରେ ଏକ ମିନି ଅକ୍ସିଜେନ ପ୍ଲାଣ୍ଟ କରାଯାଉ। ଖାଲିଥିବା ପଦବୀ ଗୁଡ଼ିକୁ ତୁରନ୍ତ ପୂରଣ କରାଯାଉ ।

- ବି.ଶଙ୍କର ପାତ୍ର, ସୂଚନାକର୍ମୀ, ଭଞ୍ଜନଗର ।

"ଖାଲିଥିବା ପଦବୀ ପୂରଣ ପାଇଁ ସରକାରଙ୍କୁ ଚିଠି ଲେଖାଯାଇଛି। ଆଗାମୀ ଦିନରେ ନୂତନ ଡାକ୍ତର ନିଯୁକ୍ତି ସମୟରେ ଏହି ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି ।

- ଡା.ସୀତାଂଶୁ ଶେଖର ଶତପଥୀ, ମେଡିକାଲ ଅଧୀକ୍ଷକ